# ନନ୍ଦିନୀ ଦେବୀଙ୍କୁ ମରଣୋତ୍ତର ଢେଙ୍କାନାଳ ଗୌରବ ସମ୍ମାନ



ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ମରଣୋତ୍ତର ଭାବେ ପ୍ରଦାନ କରାଯାଇଥିବା ଢେଙ୍କାନାଳ ଗୌରବ ସମ୍ମାନକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଗ୍ରହଣ କରୁଥିବା ବେଳେ ମଞ୍ଚରେ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩୮ତମ ନଟରାଜ କୁମାରୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ସାମ୍ବାଦିକ ସଂଘ, ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସଂସ୍କୃତି ବିଭାଗ, କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଓ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ସହାୟତାରେ ଆରମ୍ଭ ହୋଇଥିବା ଏହି କୁମାରୋତ୍ସବ ଦୁଇଦିନ ଧରି ଚାଲିବ। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କୁ ମରଣୋତ୍ତର ଭାବେ ଢେଙ୍କାନାଳ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ନନ୍ଦିନୀ ଦେବୀଙ୍କ ସୁପୁତ୍ର ତଥା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଗ୍ରହଣ କରିଛନ୍ତି।

ଏହି ଅବସରରେ ସତପଥୀ କହିଥିଲେ, ଧରିତ୍ରୀ ପକ୍ଷରୁ ଓଡ଼ିଶାର ବିଭିନ୍ନ କଲେଜରେ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଉଛି, ଯେଉଁଥିରେ ପିଲାମାନେ ନିଜ ମନ ଭିତରେ ଥିବା କଥାକୁ ସ୍ପଷ୍ଟ ଭାବରେ କହୁଛନ୍ତି। ଅନୁଗୋଳ କଲେଜରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଜଣେ ଛାତ୍ର ଭାରତ ଓ ଇଣ୍ଡିଆ ମଧ୍ୟରେ ପାର୍ଥକ୍ୟ ସମ୍ପର୍କରେ କହିଥିଲେ। ଏ ସମ୍ପର୍କରେ ବହୁତ ପଢ଼ିବା ପରେ ଜାଣିବାକୁ ମିଳିଲା ଯେ, ଆମେ ଯେଉଁ ଭାରତ କହୁଛେ, ସେଥିରେ ମଗଧ, କଳିଙ୍ଗ ନ ଥିଲା। ଅର୍ଥାତ୍ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିଥିଲା। ଆଜିର ଯୁଗରେ ବହୁତ ନୂଆକଥା ଚିନ୍ତା କରାଯାଉଛି, ଯାହା ଆମେମାନେ ଜାଣି ନ ଥିବା। ସବୁ ପ୍ରକାରର ଆଧୁନିକତା ସହ ସବୁକଥା ଯେବେ ମିଶିଯିବ, ତାହେଲେ ଏ ଦେଶ ଏକ ସୁନ୍ଦର ଦେଶ ହୋଇପାରିବ। ଆମ ଭାଷା, ଐତିହ୍ୟ, ସଂସ୍କୃତି ଓ ସୌନ୍ଦର୍ଯ୍ୟ ବିଷୟରେ ଯେତେବେଳେ ଆମେ ଜାଣୁଛେ, ଆମ ଓଡ଼ିଶା ବିଶେଷକରି ଢେଙ୍କାନାଳରେ ଯାହା ଅଛି, ତାହା ଆଉ କେଉଁଠି ନାହିଁ। ଢେଙ୍କାନାଳ ସବୁବେଳେ ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସବୁଠି ନେତୃତ୍ୱ ଦେଇ ଆସିଛି ବୋଲି ସତପଥୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସରୋଜ କୁମାର ସାମଲ କହିଲେ, ଢେଙ୍କାନାଳର ସଂସ୍କୃତି, ପରମ୍ପରା ଓ ସାହିତ୍ୟ ଉଚ୍ଚକୋଟୀର। ନଟରାଜ ଭଳି ଅନୁଷ୍ଠାନ ମାଧ୍ୟମରେ ପ୍ରତିଭାବାନ କଳାକାରମାନେ ଢେଙ୍କାନାଳକୁ ଗର୍ବିତ କରିଛନ୍ତି। ଶାସ୍ତ୍ରୀୟ ନୃତ୍ୟ ସହିତ ଯୁବପିଢିଙ୍କ ଚାହିଦା ମୁତାବକ ଆଧୁନିକ ନୃତ୍ୟ, ସଙ୍ଗୀତ ଓ ବାଦ୍ୟକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧର ପୂର୍ବତନ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଢେଙ୍କାନାଳରେ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା ହେଲେ ଏଠିକାର କଳାକାରମାନେ ଆହୁରି ଉତ୍କର୍ଷ ପ୍ରତିପାଦନ କରିପାରନ୍ତେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ପ୍ରସିଦ୍ଧ ଲକ୍ଷ୍ମୀପୂଜା ଢେଙ୍କାନାଳର ଗଣପର୍ବ। ଏହି ସମୟରେ ନଟରାଜ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବ କଳାକାରମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବ। ଉପଦେଷ୍ଟା ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ସମ୍ପାଦକ ମହାଦେବ ପ୍ରସାଦ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ପର୍ବତାରୋହିଣୀ କଳ୍ପନା ଦାଶଙ୍କ ସ୍ମୃତି ସମ୍ମାନରେ ଭାରୋତ୍ତୋଳନକାରୀ କ୍ରୀଡାବିତ୍ ହୃଦାନନ୍ଦ ଦାସ, ନଟରାଜ ନୃତ୍ୟ ସମ୍ମାନରେ ନୃତ୍ୟଶିଳ୍ପୀ ଶ୍ୱେତା ପାଣି, ନଟରାଜ ଯୁବ ଶିଳ୍ପୋଦ୍ୟୋଗୀ ସମ୍ମାନରେ ଡା. ଅବିନାଶ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ନଟରାଜ ଅନୁଷ୍ଠାନର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳର ଯୁବ କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ ଓ ଅଙ୍କିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଷ୍ଠାନର ସଦସ୍ୟ ସତ୍ୟସ୍ୱରୂପ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ଆଜୀବନ ସଭାପତି କୃଷ୍ଣକୁମାର ମିଶ୍ର, ଉପସଭାପତି ପ୍ରତିମା ସିହ୍ନା, ଗୁରୁ ଜ୍ୟୋତ୍ସ୍ନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୩୮ତମ ନଟରାଜ କୁମାରୋତ୍ସବ ଉଦ୍‌ଘାଟିତ

# ୧ରୁ ପାଗ ବଦଳିବ

## ଉପକୂଳରେ ହାଲୁକାରୁ ମଧ୍ୟମ ବର୍ଷା

**ଭୁବନେଶ୍ୱର,୨୮।୧୦(ଅନିଲ ଦାସ)**

ରାଜ୍ୟରେ ହାଲୁକା ଶୀତ ପଡ଼ିଛି। ରାତ୍ରିର ତାପମାତ୍ରା ହ୍ରାସପାଇଛି। ଆଉ ୨ ଦିନ ପରେ ପାଗ ବଦଳିବ। ସମୁଦ୍ର ଆଡୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେବ। ଜଳୀୟ ବାଷ୍ପ ମିଶା ବାୟୁ ରାଜ୍ୟକୁ ପ୍ରବେଶ କରିବ। ଏଥିଯୋଗୁ ଆକାଶ ମେଘୁଆ ରହିବା ସହିତ ଉପକୂଳ ଓ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ରାତ୍ରିର ତାପମାତ୍ରାରେ ବୃଦ୍ଧି ହେବ। ଦିନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ନଭେମ୍ବର ପହିଲାରୁ ୬ ତାରିଖ ଯାଏ କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବ। ତେବେ ପାଗ ମେଘୁଆ ଯୋଗୁ ଦିନର ତାପମାତ୍ରା କମ୍ ରହିବ। ଦିନରେ ହାଲୁକା ଥଣ୍ଡା ଅନୁଭୂତ ହେବ। ଏହା ପରେ ଶୀତ ପୁଣି ବଢ଼ିବ। ନଭେମ୍ବର ୧୪ରୁ ରାତ୍ରିର ତାପମାତ୍ରା ହ୍ରାସ ପାଇବ।

# ଡିସେମ୍ବର ୧୫ ସୁଦ୍ଧା ପରିକ୍ରମା ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ



**ପୁରୀ, ୨୮।୧୦ (ଅଜିତ୍ ମହାନ୍ତି)**

୫-ଟି ଓ ନବୀନ ଓଡିଶାର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶନିବାର ଭିକେ ପାଣ୍ଡିଆନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶନିବାର ଭୋର ପ୍ରାୟ ୪ଟା ସମୟରେ ଶ୍ରୀମନ୍ଦିରରେ ପହଞ୍ଚି ପ୍ରଥମେ ପତିତପାବନଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଦ୍ୱାରପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।

### ପୁରୀରେ ୫-ଟି ଅଧ୍ୟକ୍ଷ

ତେବେ ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖ ଭାଗରେ ନିର୍ମାଣ କାର୍ଯ୍ୟ ଏବେ ବି ଜାରି ରହିଥିବା ବେଳେ କିଛି ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିନାହିଁ। ତେଣୁ ଡିସେମ୍ବର ୧୫ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବା ପାଇଁ ଟାଟା, ଓବିସିସି ଓ ପ୍ରଶାସନିକ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନୂଆବର୍ଷରେ ଭକ୍ତମାନେ ଯେଭଳି ନୂଆ ଅନୁଭୂତି ପାଇବେ ସେ ନେଇ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ୫-ଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଅଧିନରେ ଭକ୍ତଙ୍କ ସୁବିଧା ପାଇଁ ଟଏଲେଟ, ଲଗେଜ ରଖିବା ପାଇଁ କ୍ଲକ୍ ରୁମ୍, ଏଟିଏମ୍, ପୋଲିସ ସହାୟତା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର, ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ କରାଯାଉଛି। ସରକାର ଏହି ପ୍ରକଳ୍ପ ପାଇଁ ୩୩୧ କୋଟି ୨୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ତେବେ ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିବା ପରେ କାର୍ଯ୍ୟର ଅଗ୍ରଗତିକୁ ନେଇ ୫-ଟି ଅଧ୍ୟକ୍ଷ ସନ୍ତୋଷବ୍ୟକ୍ତ କରିଛନ୍ତି।






## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବୀର କଳିଙ୍ଗ ସାପ୍ତାହିକ ଓଡ଼ିଆ ଖବର କାଗଜର ୧୯ତମ ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୧୫।
- ସୋଲୋ ଫଟୋଗ୍ରାଫି ପ୍ରଦର୍ଶନୀ 'ଡିଜାଷ୍ଟର ଅଫ୍ ଲେନ୍ସ', ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ୮ମ ଦେବପ୍ରସାଦ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ହେଲ୍ମେଟ୍ ପକ୍ଷରୁ ମହାତ୍ମା ଗାନ୍ଧିଜୀ ପ୍ରଚାର ସମିତି କାର୍ଯ୍ୟକ୍ରମ-୨୦୨୩, ବୁଦ୍ଧ ମନ୍ଦିର କନଫରେନ୍ସ ହଲ, ସନ୍ଧ୍ୟା ୬ଟା ୩୦।

କଟକ
- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ୫ମ ବାର୍ଷିକ ଉତ୍ସବ, ବାଲିଯାତ୍ରା ଉପର ପଡ଼ିଆ, ହର୍ସ ଗେଟ୍ ସମ୍ମୁଖ, ଅପରାହ୍ନ ୪ଟା।
- ସ୍ୱର୍ଗତ ଧର୍ମାନନ୍ଦ ରାୟଙ୍କ ସ୍ମୃତିସଭା ଓ ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ, ଧର୍ମାଭବନ, ଚହଟା ପଞ୍ଚମ ଲେନ୍, ବିଡ଼ାନାସୀ, ସନ୍ଧ୍ୟା ୬ଟା।

## ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

**ଫୁଲନଖରା, ୨୮।୧୦(ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ସଦର ଥାନା ଅଧୀନ ଦେବୀ ନଦୀର ଉରାଳି ନରସିଂହପୁର ଘାଟରୁ ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି। ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି।

## ପାଣିରେ ଭାସୁଛି ପଥର

**କଟକ ସଦର, ୨୮।୧୦(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ମଙ୍ଗଳା ଛକ ଭୋଇସାହି ନିକଟରେ ଶନିବାର ସକାଳେ ଏକ ପଥର ପାଣିରେ ଭାସୁଥିଲା। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। ଏହି ପଥର ନର୍ଥ ଚ୍ୟାନେଲ(କେନାଲ)ରେ ଭାସି ଆସିଥିବା ଲୋକେ ଦେଖିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଗୁରୁଚରଣ ଭୋଇ ନାମକ ଯୁବକ ଏହାକୁ ପାଣିରୁ ଆଣି ଠାକୁର ଘରେ ରଖିଥିଲେ। ଏହାକୁ ପାଣିକୁଣ୍ଡରେ ପକାଇବାରୁ ତାହା ଭାସିଥିଲା।



## କାର୍ତ୍ତିକ ବ୍ରତ

# ପୁରୀରେ ହବିଷିଆଳିଙ୍କ ପାଇଁ ୫ ଶିବିର

## ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



କାର୍ତ୍ତିକ ବ୍ରତ ପାଇଁ ପୁରୀରେ ପହଞ୍ଚିଥିବା ହବିଷିଆଳିମାନେ।

**ପୁରୀ, ୨୮।୧୦(ଅଜିତ୍ ମହାନ୍ତି)**

ଆଜିଠାରୁ କାର୍ତ୍ତିକବ୍ରତ। ମହାକାର୍ତ୍ତିକ ମାସ ଅବସରରେ ହବିଷିଆଳିମାନେ ଦୀର୍ଘ ଏକମାସ ଧରି କାର୍ତ୍ତିକ ବ୍ରତ ପାଳନ କରିବେ। ଚଳିତବର୍ଷ ହବିଷିଆଳିଙ୍କ ରହିବା ପାଇଁ ୫ ଶିବିରର ଆୟୋଜନ କରାଯାଇଛି। ନୂଆକରି ହୋଇଥିବା ବୃନ୍ଦାବତୀ ନିବାସ, ମୋଚିସାହିସ୍ଥିତ କଲ୍ୟାଣମଣ୍ଡପ, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ଅକ୍ଷୟ ପାତ୍ର ଫାଉଣ୍ଡେଶନ ପରିସରରେ ବ୍ରତଧାରୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ଯୋଗେ ଶିବିର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଶିବିରରେ ମାଗଣାରେ ରହିବା, ଶୋଇବା, ଭଜନ, ରାଧାଦାମୋଦର ପୂଜା, ଶ୍ରୀମନ୍ଦିରରେ ଜଗା ଦର୍ଶନ, ପ୍ରବଚନ ଶ୍ରବଣ ଏବଂ ମହାପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ସାମାନ୍ୟ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଅତିରିକ୍ତ ଜିଲାପାଳ କହିଛନ୍ତି, ପଞ୍ଜୀକରଣ କରିଥିବା ହବିଷିଆଳିମାନେ ନ ଆସିଲେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଣପଞ୍ଜୀକୃତ ମା'ମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ତେବେ ପ୍ରାଥମିକ ପର୍ଯ୍ୟାୟରେ ସମୁଦାୟ ୩୦୨୪ ପଞ୍ଜୀକୃତ ହବିଷିଆଳିଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

### ପ୍ରଶାସନର ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ପୁରୀ, ୨୮।୧୦(ଅଜିତ୍ ମହାନ୍ତି)**

କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ ପାଳନ କରିବା ସହ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ଗହଳି ଦେଖାଦେବ। ଭକ୍ତଙ୍କ ଉପସ୍ଥିତିକୁ ଲକ୍ଷ୍ୟ କରି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ୨ ଅତିରିକ୍ତ ଏସ୍‌ପି ଓ ୭ ଡିଏସ୍‌ପି ବ୍ୟବସ୍ଥା ତଦାରଖ କରିବେ। ଏଥିସହ ୧୦ ଇନ୍ସପେକ୍ଟର ଓ ସୁବେଦାର ୪୪ ଏସ୍‌ଆଇ ଓ ଏଏସ୍‌ଆଇ ର୍‍ୟାଙ୍କର ଅଫିସର, ୭୦ ହାବିଲଦାର ଓ କନଷ୍ଟେବଳଙ୍କ ସହ ୧୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଟ୍ରାଭେଲ୍, ଲାଇଫ୍‌ଷ୍ଟାଇଲ୍ ବ୍ଲଗର୍ସଙ୍କ ମେଗା ମିଟ୍‌ଅପ୍



ଚଳଚ୍ଚିତ୍ର 'ଏଇ ଆକାଶ ତଳେ'ର ଅଭିନେତା ଅଭିଷେକ ଗିରି, ଅଭିନେତ୍ରୀ ସମର୍ପିତା ଦାଶ ଓ ଅନ୍ୟମାନଙ୍କ ସହ ବ୍ଲଗର୍ସମାନେ।

**ଭୁବନେଶ୍ୱର, ୨୮।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

### 'ଏଇ ଅକାଶ ତଳେ' ଗୀତରେ ରିଲ୍ସ କରିଥିବା ଶ୍ରେଷ୍ଠ ୧୦ ବ୍ଲଗର୍ସ ପୁରସ୍କୃତ

ଟ୍ରାଭେଲ୍ ଓ ଲାଇଫ୍‌ଷ୍ଟାଇଲ୍ ବ୍ଲଗର୍ସଙ୍କୁ ନେଇ ପ୍ରଥମ ମେଗା ମିଟ୍‌ଅପ୍ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡା ଟ୍ରାଭେଲ ମାର୍ଟ ଏବଂ ଷ୍ଟୋରି ଲାବ୍ ଇଣ୍ଡିଆ ପକ୍ଷରୁ ଦି ଭଣ୍ଡୋର କାର୍ନିଭାଲ୍‌ର ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଷ୍ଟୋରି ଲାବ୍ ପକ୍ଷରୁ ଆସିବାକୁ ଥିବା ଚଳଚ୍ଚିତ୍ର 'ଏଇ ଆକାଶ ତଳେ'ର ନିର୍ଦ୍ଦେଶକ ଶୁଭେନ୍ଦୁ ବିଶ୍ୱାଳ, ଅଭିନେତା ଅଭିଷେକ ଗିରି ଓ ଅଭିନେତ୍ରୀ ସମର୍ପିତା ଦାଶ ଉପସ୍ଥିତ ରହି ଫିଲ୍ମ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟତଃ ଏହି ଫିଲ୍ମର ଗୀତକୁ ସବୁ ଟ୍ରାଭେଲ୍ ବ୍ଲଗରଙ୍କ ପାଖରେ ପହଞ୍ଚାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଫିଲ୍ମର ଗୀତକୁ ନେଇ ପୂର୍ବରୁ ଏକ ରିଲ୍ସ ପ୍ରସ୍ତୁତ ହୋଇଥିଲା, ଯାହାକୁ ବ୍ଲଗର୍ସମାନେ ଯାତ୍ରା କଲାବେଳେ ବ୍ୟବହାର କରି ଭିଡିଓ ବନାଇଥିଲେ। ତେବେ ରିଲ୍ସ କରିଥିବା ବ୍ଲଗର୍ସଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ ବ୍ଲଗର୍ସଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଆଦିତ୍ୟ ପଣ୍ଡା, ସାଗର ହୋତା, ସୌରଭ ଖଣ୍ଡେଲୱାଲ୍, ଜ୍ୟୋତ୍ସ୍ନା ପରିଡ଼ା ସାହୁ, ସପନ ସାଦୁଆଲ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୯୦ରୁ ଅଧିକ ବ୍ଲଗର୍ସ ଏହି କାର୍ଯ୍ୟକ୍ରମର ଯୋଗଦେଇଥିଲେ। ଗଞ୍ଜାମ, ଗଜପତି, ଜାମସେଦପୁରରୁ ବ୍ଲଗର୍ସମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଡିଜିଟାଲ୍ ପାର୍ଟନର୍ ଭାବେ ଧରିତ୍ରୀ ଲାଇଭ୍ ରହିଥିଲା।

### ନନ୍ଦନକାନନରେ କାସୁୟରି ଅସୁସ୍ଥ

**ବାରଙ୍ଗ, ୨୮।୧୦(ଲିଙ୍ଗରାଜ ରାଉତ)**

ନନ୍ଦନକାନରେ ଗିବନ ପରେ ଏବେ ଏକ ଅଣ୍ଡିରା କାସୁୟରି ପକ୍ଷୀ ଅସୁସ୍ଥ ହୋଇପଡ଼ିଛି। ଡାହାଣ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଛୋଟେଇ ଚାଲୁଥିବା ବେଳେ ଗୋଟିଏ ଜାଗାରେ ପଡ଼ିରହିଛି। ଏନେଇ କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ନନ୍ଦନକାନନ ପଶୁ ଚିକିତ୍ସକ କାସୁୟରିର ଚିକିତ୍ସା ଜାରି ରଖିଛନ୍ତି। ୨୦୧୪ରୁ ନନ୍ଦନକାନନରେ ଏହି ପ୍ରଜାତି ପକ୍ଷୀଙ୍କ ବଂଶ ଲୋପପାଇଥିଲା। ଗତ ୨୫ ତାରିଖରେ ଦୁଇଟି କାସୁୟରି ପକ୍ଷୀକୁ ଅଣାଯାଇଥିଲା। ତେବେ ଏହାର ମାତ୍ର ୩ଦିନରେ ଗୋଟିଏ ପକ୍ଷୀ ଅସୁସ୍ଥ ହୋଇପଡିବା ଜୀବଜନ୍ତୁଙ୍କ ରକ୍ଷଣାବେକ୍ଷଣରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

### ଅସହାୟ ମହିଳାଙ୍କ ମୃତଦେହ ସତ୍କାର

**କଟକ ସଦର, ୨୮।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମରେ ହୁଣ୍ଡି (୬୦) ନାମ୍ନୀ ତଫସିଲଭୁକ୍ତ ଉପଜାତି ମହିଳାଙ୍କର ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କର କେହି ଆତ୍ମୀୟ ନ ଥିବାରୁ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ପରାମର୍ଶରେ ସମର ବେହେରା, ସୁବୋଧ ବେହେରା, ଚିତ୍ତରଞ୍ଜନ ବେହେରା, ହିମାଂଶୁ ଦାସ, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାତ୍ର ପ୍ରମୁଖ ମୃତଦେହକୁ କାନ୍ଧେଇ କାଠଯୋଡି ନଦୀ ନିକଟରେ ସତ୍କାର କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚରଣ



@ ସୌମ୍ୟକାନ୍ତ



@ ସୌମ୍ୟରଞ୍ଜନ



@ ଉମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ପତ୍ର ଗୋଟାଳିରୁ ସାଂସଦ : ଆମ ପ୍ରିୟ ଡକ୍ଟର ଅଚ୍ୟୁତ ସାମନ୍ତ' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

### 'ବିଶ୍ୱମୁକ୍ତି'ର ଶାରଦୀୟ ବନ୍ଧୁମିଳନ, ପୁସ୍ତକ ଲୋକାର୍ପଣ ଉତ୍ସବ

ପତ୍ରିକା 'ବିଶ୍ୱମୁକ୍ତି' ପକ୍ଷରୁ ଶାରଦୀୟ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ଏମ୍‌ପି କବି ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ପୂର୍ବତନ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପ୍ରଫେସର ବସନ୍ତ କୁମାର ପଣ୍ଡା, ଆଦିବାସୀ କବି ମକରଧ୍ୱଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପତ୍ରିକାର ଶାରଦୀୟ ସଂଖ୍ୟା ଓ ପୁସ୍ତକ 'ପତ୍ରଗୋଟାଳିରୁ ସାଂସଦ: ଆମ ପ୍ରିୟ ଡକ୍ଟର ଅଚ୍ୟୁତ ସାମନ୍ତ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏଥିସହ ଲେଖିକା ମିନତି ସାମନ୍ତରାୟ ଓ ପ୍ରକାଶକ ତଥା କବି ଭିକାରୀ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ପି ଡ. ସାମନ୍ତ ଜୀବନର ଯାତ୍ରା ସଂପର୍କରେ ସୂଚନା ଦେଇ ନିଜ ପରିବେଶରୁ ସେ ପ୍ରେରଣା ପାଇଥିବା କଥା ପ୍ରକାଶ କରିଥିଲେ। ପୂର୍ବତନ ଏମ୍‌ପି ତଥା କବି ପାଟ୍ଟଶାଣୀ ନିଜର ଅନୁଭବ ଓ ଉପଲବ୍ଧି ସମ୍ପର୍କରେ କହିଥିବା ବେଳେ ପୂର୍ବତନ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ପ୍ରଧାନ ଅଭିଭାଷଣ ଦେଇଥିଲେ। ପ୍ରାରମ୍ଭରେ 'ବିଶ୍ୱମୁକ୍ତି'ର ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି ଓଡ଼ିଶାରେ ପତ୍ରପତ୍ରିକାର ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ। କବି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସାରସ୍ୱତ ସମାରୋହରେ ବହୁ ବୁଦ୍ଧିଜୀବୀ, କବି ଓ ଲେଖକ ଉପସ୍ଥିତ ଥିବାବେଳେ 'ବିଶ୍ୱମୁକ୍ତି'ର ମୁଖ୍ୟ କାର୍ଯ୍ୟନିର୍ବାହୀ ସବିତା ଦାସ ଓ ପରିଚାଳନା ସମ୍ପାଦକ ସୁଧୀର ମଉଡ଼ମଣି ସଭାକାର୍ଯ୍ୟ ପରିଚାଳନା କରିଥିଲେ।




ଅତିଥିମାନେ ପୁସ୍ତକ 'ପତ୍ର ଗୋଟାଳିରୁ ସାଂସଦ : ଆମ ପ୍ରିୟ ଡକ୍ଟର ଅଚ୍ୟୁତ ସାମନ୍ତ'କୁ ଲୋକାର୍ପଣ କରୁଛନ୍ତି।

# ଏସ୍‌ସିବି ନିରାମୟ କେନ୍ଦ୍ରରେ ବିଦ୍ୟୁତ୍ ବିଭ୍ରାଟ




**କଟକ, ୨୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

### ମୋବାଇଲ ଲାଇଟରେ ରୋଗୀଙ୍କୁ ଦିଆଗଲା ମେଡିସିନ୍




ଏସ୍‌ସିବି ମେଡିକାଲ ନିରାମୟ କେନ୍ଦ୍ରରେ ବିଦ୍ୟୁତ ବିଭ୍ରାଟ। ଟ୍ରମା କାଜୁଆଲଟି ସମ୍ମୁଖରେ ଥିବା ନିରାମୟ କେନ୍ଦ୍ରରେ ବିଦ୍ୟୁତ କାଟ ଯୋଗୁଁ ରୋଗୀ ଓ ସମ୍ପର୍କୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରୁ କିଛି ସମୟ ଧରି ନିରାମୟ କେନ୍ଦ୍ରରେ ବିଦ୍ୟୁତ୍ ନ ଥିଲା। ଫଳରେ ଅନ୍ଧାରରେ ମୋବାଇଲ ଲାଇଟରେ ରୋଗୀ ଓ ସମ୍ପର୍କୀୟଙ୍କୁ ମେଡିସିନ ଦିଆଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏନେଇ ନିରାୟମ କେନ୍ଦ୍ର ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣା ସମ୍ପର୍କରେ ମୁଁ ଅବଗତ ନାହିଁ। ଯଦି ଏପରି ସମସ୍ୟା ହୋଇଛି, ତେବେ ଏନେଇ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ। ଏପରି କି ଆଗାମୀଦିନରେ ରୋଗୀ ଓ ସମ୍ପର୍କୀୟ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ତାହାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ବିଶ୍ୱାଳ କହିଛନ୍ତି। ଅପରପକ୍ଷରେ ନିରାମୟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ବିରୋଧରେ ପ୍ରଶାନ୍ତ କୁମାର ବେହେରା ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲରେ ଦୁଇଟି ନିରାମୟ କେନ୍ଦ୍ର ରହିଛି। ଶୁକ୍ରବାର ରାତି ୮ଟା ୩୦ ମିନିଟ୍‌ରେ ବିଦ୍ୟୁତ୍ କାଟ ଯୋଗୁ ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ମୋବାଇଲ ଲାଇଟ ଯୋଗେ ରୋଗୀଙ୍କୁ ମେଡିସିନ ଦିଆଯାଇଥିଲା। କମ୍ ଲାଇଟ୍‌ରେ ଭୁଲ୍ ଔଷଧ ଦେବାର ସ୍ଥିତି ସୃଷ୍ଟି ହୋଇଥିଲା। କେତେକ ଲୋକେ ଏହାକୁ ବିରୋଧ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୩୦ ତାରିଖ ଓ ଅକ୍ଟୋବର ୧ ତାରିଖ ଏସ୍‌ସିବି ମେଡିକାଲ ମେଡିସିନ୍ ବିଭାଗରେ ରୋଗୀଙ୍କୁ ମୋବାଇଲ ଲାଇଟ୍‌ରେ ଇଞ୍ଜେକ୍ସନ୍ ଦିଆଯାଇଥିଲା। ଏହାସହ ଏସ୍‌ସିବି ଆନାଟୋମି ବିଭାଗ, ଶବ ସଂରକ୍ଷଣ ଗୃହ, ଶବ ବ୍ୟବଚ୍ଛେଦ ଗୃହ, ସ୍କିନ୍ ବିଭାଗ, ମେଡିସିନ୍ ବିଭାଗର କିଛି ଅଂଶ, ମେରୁଦଣ୍ଡ ଆଘାତ କେନ୍ଦ୍ର, ପମ୍ପ ହାଉସ୍ ଆଦିରେ ବିଦ୍ୟୁତ୍ ସେବାରେ ବିଭ୍ରାଟ ଦେଖା ଦେଇଥିଲା। ଏପରି କି ଏସ୍‌ସିବିର ଓଟି ଓ ଆଇସିୟୁରେ ଏସି ଠିକ୍ ଭାବେ କାମ କରୁ ନ ଥିବା ସହ ଏସି ଅଚଳ ମଧ୍ୟ ହୋଇ ପଡ଼ିଥିଲା। ଏପରି କି ଶବ ସଂରକ୍ଷଣ ଗୃହରେ ଲାଇନ୍ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିଲା। ପମ୍ପ ହାଉସରେ ଲାଇନ ନ ଥିବାରୁ ବିଭିନ୍ନ ୱାର୍ଡକୁ ଜଳ ଯୋଗାଣ ହୋଇ ନ ପାରିଥିଲା। ଡିଜି ଯୋଗେ ବିଦ୍ୟୁତ୍ ଯୋଗାଣ କରାଯାଇଥିବା ସତ୍ତ୍ୱେ ଫଙ୍ଗା ନ ଚାଲିବାରୁ ରୋଗୀମାନେ ହନ୍ତସନ୍ତ ହୋଇଥିଲେ ମଧ୍ୟ କୌଣସି ସମସ୍ୟା ବାହାରି ପାରି ନ ଥିଲା। ଏପରି କି ଆଞ୍ଚଳିକ ନିଦାନ କେନ୍ଦ୍ରରେ ସିଟି ସ୍କାନ, ଏକ୍ସ-ରେ ସହ ଅନ୍ତଃବିଭାଗ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ବନ୍ଦ ରହିଥିଲା। ତେବେ କିଛିଦିନ ବ୍ୟବଧାନରେ ପୁଣି ଏସ୍‌ସିବି ପରିସରରେ ଏପରି ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ରୋଗୀ ଅସନ୍ତୋଷ ବୃଦ୍ଧି ପାଇଛି।

**ପୋଖରୀରେ ବୁଡ଼ି ୫ ବର୍ଷର ବାଳକଙ୍କ ମୃତ୍ୟୁ**

ସାଲେପୁର,(ଅରବିନ୍ଦ ଭୂୟାଁ): ପୋଖରୀରେ ବୁଡ଼ି ଶନିବାର ଜଣେ ୫ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ନାଦୋଳ ଗ୍ରାମର ସୁବାସ ସେଠୀଙ୍କ ପୁଅ ଚନ୍ଦ୍ରଶେଖର ସେଠୀ। ସେ ଖେଳୁଥିବାବେଳେ ଘର ନିକଟରେ ଥିବା ଏକ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରଶେଖରଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମା’ ଧନଦାତ୍ରୀଙ୍କୁ ଆରାଧନା


କଟକ କଲେଜ ଛକ


ରାଣୀହାଟ


ମଙ୍ଗଳାବାଗ


ଦରଘାବଜାର


ଚାନ୍ଦିନୀଚୌକ


ଚୌଦ୍ୱାର ଗାନ୍ଧୀଛକ


ବଡ଼ମ୍ବାସ୍ଥିତ ଶଙ୍ଖାମେରି ପାଟଣା


ବୃନ୍ଦାବନପୁର ଖମାରସାହି


ମାଣିଆବନ୍ଧ ନାହାସାହି


ବଡ଼ମ୍ବା ମା’ ଭଟ୍ଟାରିକାଙ୍କ କୁମାରୀ ବେଶ।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଧକ୍କାରେ ଯୁବକ ଗୁରୁତର

ନରସିଂହପୁର,୨୮।୧୦(ନିରଞ୍ଜନ ଦେବକୁମାର)

ସ୍ଥାନୀୟ ପଞ୍ଚମୁଖୀ ଛକଠାରେ ଶନିବାର ସକାଳ ପ୍ରାୟ ୬ଟାରେ ଏକ ଗୋରୁ ବୋଝେଇ ଟାଟାଏସିଇ ଭ୍ୟାନ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ବାମହାତ ଭାଙ୍ଗିଯାଇଛି। ଗୁରୁତର ଯୁବକ ହେଲେ ନିଜିଗଡ଼ ମୁସଲିମ ବସ୍ତିର ରାଜା ଖାଁ (୨୬)। ରାଜା ଛିଡ଼ା ହୋଇଥିବାବେଳେ ହିନ୍ଦୋଳ ଆଡୁ ନରସିଂହପୁରକୁ ଆସୁଥିବା ଗୋରୁ ବୋଝେଇ ଗାଡ଼ି ତାଙ୍କ ଉପରକୁ ମାଡ଼ିଯାଇ ହାଟ ଛକ ଆଡ଼କୁ କ୍ଷିପ୍ର ବେଗରେ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ରାଜାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ମେଡିକାଲକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କାରାଯାଇଛି। ଗାଡ଼ିଟିକୁ ଠାବ କରାଯାଇ ପାରିନାହିଁ। ରାଜାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆନ୍ତର୍ଜାତିକ ସଡ଼କ ସୁରକ୍ଷା ବିଶେଷଜ୍ଞ ଦିଲୀପ କୁମାର ପଣ୍ଡା ଦାବି କରିଛନ୍ତି। ଅନ୍ୟପକ୍ଷରେ ନରସିଂହପୁର ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ ବୃଦ୍ଧିପାଇବାରେ ଲାଗିଛି। ଗୋରୁ ବୋଝେଇ ଗାଡ଼ି ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନାରେ ସାଧାରଣ ଲୋକ ଅତିଷ୍ଠ ହୋଇପଡୁଛନ୍ତି। ସ୍ଥାନୀୟ ପୋଲିସ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବାଙ୍କୀର ଐତିହ୍ୟ, ଇତିହାସ ସୁଦୂରପ୍ରସାରୀ

**ବାଙ୍କୀ ମହୋତ୍ସବ ଉଦ୍‌ଘାଟିତ**

- ଡା.ପ୍ରଶାନ୍ତ କୁମାର ପଣ୍ଡା ଓ ଡା. ରବୀନ୍ଦ୍ର ନାରାୟଣ ପଣ୍ଡାଙ୍କୁ ଚର୍ଚ୍ଚିକା ସମ୍ମାନ’

ବାଙ୍କୀ,୨୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ବାଙ୍କୀ ମହୋତ୍ସବର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବାଙ୍କୀ କଚେରି ପଡ଼ିଆରେ ଆୟୋଜିତ ବାଙ୍କୀ ମହୋତ୍ସବ-୨୦୨୩କୁ ଶନିବାର ପୂର୍ତ୍ତ , ଇସ୍ପାତ୍ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂରପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନ ଠାରୁ ସମବାୟ ଆନ୍ଦୋଳନ ଯାଏ ବାଙ୍କୀର ଅବଦାନ ଓଡ଼ିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏ ମାଟିର ଅନେକ ସୁଯୋଗ୍ୟ ସନ୍ତାନ ସମାଜ ସଂସ୍କାର, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। କଟକ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା ଓ ଜୀବନଶୈଳୀକୁ ବାଙ୍କୀର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ବିଧାୟକ ତଥା ମହୋତ୍ସବ କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଓ ଏନ୍‌ଏସି ନଗରପାଳ ମାଣିକ ସାହୁ ଅତିଥି ଭାବେ ଯୋଗଦେଇ ମା’ଚର୍ଚ୍ଚିକାଙ୍କ ଅଶେଷ କରୁଣାରୁ ଏହି ମହୋତ୍ସବ ଲୋକଉତ୍ସବରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲାପାଳ ନରହରି ସେଠୀ ଯୋଗଦେଇ ରାଣୀ ଶୁକଦେଈଙ୍କ ବୀରତ୍ୱ ଆମ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଓ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ଉତ୍ସବରେ ବାଙ୍କୀ ମହୋତ୍ସବ ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି କହିଥିଲେ, ୨୪ବର୍ଷରେ ପଦାର୍ପଣ କରିଥିବା ବାଙ୍କୀ ମହୋତ୍ସବ ଆଜି ଯୁବକତ୍ୱ ଲାଭ କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡା. ପ୍ରଶାନ୍ତ କୁମାର ପଣ୍ଡା ଓ ଡା. ରବିନାରାୟଣ ପଣ୍ଡାଙ୍କୁ ଯୁଗ୍ମ ଭାବେ ‘ଚର୍ଚ୍ଚିକା ସମ୍ମାନ’ ପ୍ରଦାନ କରାଯାଇଥିଲା। ସେହିପରି ବରିଷ୍ଠ ଅଧିବକ୍ତା ହରେକୃଷ୍ଣ ଦାଶ, ଆଦର୍ଶ ଶିକ୍ଷକ ଗୋଦାବରୀଶ ମିଶ୍ର, ସଂକୀର୍ତ୍ତନ ଗାୟକ ଯୋଗେନ୍ଦ୍ର ରଣା, ପାଲାଗାୟିକା ବିନୋଦିନୀ ନାୟକ, ସଂସ୍କୃତ ଗବେଷକ କାର୍ତ୍ତିକ ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରୀଡାବିତ୍ ସୂର୍ଯ୍ୟମଣି ମାଝୀ, କଣ୍ଠଶିଳ୍ପୀ ଡାକ୍ତର ସଂଗୀତା ଗୋସାଇଁ, ସାମାଜିକ ସଙ୍ଗଠକ ଭରତ ଚନ୍ଦ୍ର ବେହେରା, ଶ୍ରେଷ୍ଠ ପ୍ରଶାସକ ଧରଣୀଧର ନନ୍ଦ,ସାହିତ୍ୟିକ ଗୌରାଙ୍ଗ ଚରଣ ରାଉତ, ଆଧ୍ୟାତ୍ମିକ ପ୍ରବଚକ ସୂର୍ଯ୍ୟନାରାୟଣ ରଥ ଶର୍ମା, ନାଟ୍ୟକାର ଗୟାଧର ନାୟକ, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ତଥା ସାହିତ୍ୟିକ କୌଶିକ ନାୟକଙ୍କ ଦ୍ୱାରା ସମ୍ପାଦିତ ବାଙ୍କୀ ମହୋତ୍ସବର ସ୍ମରଣିକା ପୁସ୍ତକକୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉନ୍ମୋଚନ କରିଥିଲେ। ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ବାଙ୍କୀ ମହୋତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହୋତ୍ସବ କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆବହନୀ ସଂଗୀତ ଗାନ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମହୋତ୍ସବ ସମ୍ପାଦକ ପ୍ରକାଶ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଦର୍ଶକ ଉପସ୍ଥିତ ରହି ଏହି ମହୋତ୍ସବକୁ ଉପଭୋଗ କରିଥିଲେ। ସକାଳୁ ମା’ଚର୍ଚ୍ଚିକାଙ୍କ ପୁଣ୍ୟ ପୀଠରେ ପୂଜାର୍ଚ୍ଚନା କରାଯାଇ ଏକ ଶୋଭାଯାତ୍ରାରେ ମା’ଙ୍କ ‘ଆଜ୍ଞାମାଳ ଓ ଜ୍ୟୋତି’ ଅଣାଯାଇ ବାଙ୍କୀ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା।

## ପଥ ଉତ୍ସବ ଜରିଆରେ ଭୋଟର ସଚେତନତା

**ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ**

ଆଠଗଡ,୨୮।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ରେ ଏନ୍‌ଏସି ଅଞ୍ଚଳରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଶନିବାର ‘ପଥ ଉତ୍ସବ’ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଯୁବ ତଥା ନୂତନ ଭୋଟରମାନଙ୍କର ଭୋଟର ତାଲିକାରେ ନାମ ପଞ୍ଜୀକରଣ ଏବଂ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭଯାତ୍ରା ଆୟୋଜନ କରାଯାଇଥିଲା। ଏହା ଶୋଭଯାତ୍ରା ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରି ଏନ୍‌ଏସି କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ବିଭିନ୍ନ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପେଣ୍ଟିଂ, ରଙ୍ଗୋଲି, ଝୋଟି ଆଦି ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟମଣି ସାହୁ,ଉପ ବିଭାଗ ଅଧିକାରୀ ଦିନେଶ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ନାୟକ ପ୍ରମୁଖ ସାମିଲ ହୋଇଥିଲେ।


ସଚେତନତା କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ଖବରଦାତା ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

ସାଲେପୁର,୨୮।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ଦଶହରା ଭସାଣୀ ଉପଲକ୍ଷେ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ସାଲେପୁର କଲେଜ ରୋଡରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ବିଧାୟକ ବେହେରା ଓ ଥାନା ଅଧିକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ‘ସାମ୍ବାଦିକ ଆମେ ସାମ୍ବାଦିକ’ ସଙ୍ଗୀତ ପରିବେଷଣ କରିଥିବା ଖବରଦାତା ସୂର୍ଯ୍ୟନାରାୟ ଦାଶ, ଉମେଶ ଚନ୍ଦ୍ର ଦାସ ଓ ସାଲେପୁର ଥାନା ହାବିଲଦାର ଦାଉଦ୍ ସାହାଙ୍କୁ ଖବରଦାତା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସମ୍ପାଦକ ହୃଷିକେଶ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ମହାସଚିବ ପ୍ରଫୁଲ୍ଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଘର ସହ ସମ୍ପାଦକ ପ୍ରଦୀପ ପରିଜା, କୋଷାଧ୍ୟକ୍ଷ ସୁଧିର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ, ଚିରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, ବିରଞ୍ଚି ନାରାୟଣ କର ପ୍ରମୁଖ ପରିଚାଳନା କରିଥିଲେ।

## ମହାନଦୀ ବାମପାର୍ଶ୍ୱ କେନାଲରେ ୬୦ ଫୁଟ ଘାଇ

- ଶହ ଶହ ଏକର ଫସଲ ନଷ୍ଟ
- କ୍ଷତିପୂରଣ ଦାବିକଲେ ଚାଷୀ

ନିଶ୍ଚିନ୍ତକୋଇଲି,୨୯।୧୦(ଅଶୋକ ମହାପାତ୍ର)



କଟକ ସଦର ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତର ବାରିମୂଳସ୍ଥିତ ମହାନଦୀ ବାମପାର୍ଶ୍ୱ କେନାଲରେ ୬୦ ଫୁଟର ଏକ ଘାଇ ସୃଷ୍ଟି ହୋଇଛି। ସ୍ଥାନୀୟ ବ୍ୟାରେଜ ଡିଭିଜନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ଏହି ଘାଇ ସୃଷ୍ଟି ହୋଇଥିବା ନେଇ ଚାଷୀ ମହଲରେ ଅଭିଯୋଗ ହୋଇଛି। ଏହି ଘାଇ ଯୋଗୁ ଶହ ଶହ ଏକର ଫସଲ ଉଜୁଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି ନିମନ୍ତେ ଚାଷୀ ମହଲରେ ଦାବି ହୋଇଛି। ସ୍ଥାନୀୟ ବ୍ୟାରେଜ ଡିଭିଜନ ଅଧୀନରେ ମହାନଦୀ ବାମପାର୍ଶ୍ୱ କେନାଲର ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ ରହିଛି। ମାତ୍ର ଡିଭିଜନ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ କୌଣସି ବିଭାଗୀୟ ଅଧିକାରୀ ରହୁ ନଥିବାର ଅଭିଯୋଗ ହୋଇଛି। ଫଳରେ ଏହି କେନାଲରେ ବାରମ୍ବାର ଘାଇ ସୃଷ୍ଟି ହେଉଥିବା ନେଇ ଚାଷୀମାନେ କହିଛନ୍ତି। ଏହି ଘାଇ ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଏକରକମ ଭାଙ୍ଗିଯାଇଛି।

ଏହି ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏପରିକି ଗାଁ ମହାଜନଙ୍କ ଠାରୁ ହାତ ଉଧାରି କରି ଋଣ ଆଣି ଧାନ, ବିରି, ମୁଗ, କୋଳଥ, ଚିନାବାଦାମ, ବିଭିନ୍ନ ପନିପରିବା ଚାଷ କରିଥିଲେ। ମାତ୍ର କେନାଲରେ ଘାଇ ସୃଷ୍ଟି ହେବା ଯୋଗୁ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରି ନାହିଁ। ଫଳରେ ଶହ ଶହ ଏକର ଫସଲରେ ପାଣି ଜମି ରହିଛି। ଏନେଇ ଋଣ କିପରି ପରିଶୋଧ କରିବେ ସେନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷରେ ଖବରପାଇ ବହୁ ବିଳମ୍ବରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଲଳିତେନ୍ଦୁ ଜେନା ଓ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ଚାଷୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଶାସନ ତରଫରୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାମାଜିକ କର୍ମୀ ଜନ୍ମେଶ୍ୱର ବେଉରା, ବିଜୟ କୁମାର ବେଉରା, ସରୋଜ କୁମାର ବେଉରା,ହେମନ୍ତ କୁମାର ବେଉରା, ଅଭୟ କୁମାର ପରିଡା, ସୁବାସ ଚନ୍ଦ୍ର ମହାନ୍ତି, ଜାନକୀ ବଲ୍ଲଭ ପରିଡା, ଅଶୋକ କୁମାର ସ୍ୱାଇଁ, କେଦାରନାଥ ପରିଡା ପ୍ରମୁଖ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ମାତ୍ର ୨୦ରୁ ୨୫ ଦିନ ତଳେ ଏହି କେନାଲର ଜନାର୍ଦ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ମାରଡା ବଳରାମପୁର ପଣ୍ଡା ସାହି ନିକଟରେ ଅନୁରୂପ ଭାବେ ଏକ ଘାଇ ସୃଷ୍ଟି ହୋଇଥିଲା। ଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଏହି ଘାଇ ମରାମତି ଶେଷ ହୋଇନଥିବାବେଳେ ଆଉ ଏକ ଘାଇ ସୃଷ୍ଟି ହେବା ଘଟଣା ବିଭାଗୀୟ ପାରିବା ପଣିଆକୁ ପଦାରେ ପକାଇଛି।

## ମା' ଗଜଲକ୍ଷ୍ମୀଙ୍କ ଧରାବତରଣ


ପୁରୀ: ବଡଶଙ୍ଖ ମହାଲକ୍ଷ୍ମୀ ପୂଜା କମିଟି ।


ବଳଗଣ୍ଡି


ଭାଇଭାଇ ଯୁବକ ସଂଘ ।


ଶ୍ରୀକ୍ଷେତ୍ର ଗଜଲକ୍ଷ୍ମୀ ପୂଜା କମିଟି ।


ପୁରୀ: ଓମ୍ ଟ୍ୟାକ୍ସି ଆସୋସିଏଶନ ।


ସାଇଗଜଲକ୍ଷ୍ମୀ ପୂଜା କମିଟି ।


ଡେଲାଙ୍ଗ କଲ୍ୟାଣପୁର ଗଜଲକ୍ଷ୍ମୀ ।


ନିମାପଡା ଗଡ ଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ।

# ସବୁଠି ଭକ୍ତିମୟ ପରିବେଶ

**ପୁରୀ,(ଅଜିତ୍ ମହାନ୍ତି)/ ପିପିଲି (ଦୁର୍ଗା ମାଧବ ମିଶ୍ର)/ଡେଲାଙ୍ଗ (ରଶ୍ମୀରଞ୍ଜନ ପ୍ରଧାନ)/କଣାସ (ବିଭୂତି ଭୂଷଣ ତ୍ରିପାଠୀ)୨୮/୧୦:**

ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ସବୁଠି ଭକ୍ତିମୟ ପରିବେଶ । ପୁରପଲ୍ଲୀଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସହରରେ ମା'ଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ ହେଉଛି । ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ମା'ଙ୍କ ଆରାଧନା କରାଯାଉଥିବା ଦେଖିବାକୁ ମିଳିଛି। ପୁରୀର ପ୍ରମୁଖ ସ୍ଥାନ ତ୍ରିଶକ୍ତି କ୍ଲବ, ବଡ଼ଦାଣ୍ଡର ବିଭିନ୍ନ ଛକ, ସମୁଦ୍ରକୂଳ ଅଞ୍ଚଳ ଓ ସାହି ଗଳିକନ୍ଦିରେ ମା'ଙ୍କୁ ଆବାହନ କରାଯାଇଛି। ପ୍ରତ୍ୟେକ ପୂଜା ମଣ୍ଡପଗୁଡ଼ିକରେ ମା' ଲକ୍ଷ୍ମୀଙ୍କ ସହ ଦୁଇଟି ଧଳା ରଙ୍ଗର ହାତୀ ବା ଗଜ ଶୋଭା ପାଉଥିବା ଦେଖିବାକୁ ମିଳିଛି। ସେହିପରି ମା'ଙ୍କ ଆରାଧନାରେ ପୁରୀ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ଗ୍ରହଣ ପଡ଼ିଥିବାରୁ ମା'ଙ୍କ ପୂଜା ସନ୍ଧ୍ୟା ପୂର୍ବରୁ ଶେଷ ହୋଇଥିଲା।

ସେହିପରି ବାଲିଗାଁସ୍ଥିତ ଭକ୍ତ ଦାସିଆ ସ୍ମୃତି ପୀଠସ୍ଥିତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ଲକ୍ଷ୍ମୀପୂଜା ଶ୍ରୀମନ୍ଦିର ନୀତିକାନ୍ତି ଅନୁଯାୟୀ ପାଳିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ଲକ୍ଷ୍ମୀଧର ପାଢୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ, ପ୍ରହ୍ଲାଦ ମିଶ୍ର, ପୁଷ୍ପାଳକ ନୃସିଂହ ଚରଣ ପାତ୍ରଙ୍କ ଦ୍ୱାରା ସମସ୍ତ ପ୍ରକାର ପୂଜାକାର୍ଯ୍ୟ ଏବଂ ଆଳତୀ ସମ୍ପାଦିତ ହୋଇଥିଲା। ଏଥିରେ ମୁଖ୍ୟକର୍ତ୍ତା ଭାବେ ଇ. ଉଗ୍ରସେନ ସାହୁ କାର୍ଯ୍ୟ ନିର୍ବାହ କରିଥିବା ବେଳେ ଭକ୍ତ ଦାସିଆ କମିଟିର ସଦସ୍ୟ ଅର୍ଜୁନ ଚରଣ ସାମଲ, ଇ. ପ୍ରତାପ ଚନ୍ଦ୍ର ସିଂ, ସୁଦର୍ଶନ ଦାସ, ସ୍ୱୟଂ ପ୍ରକାଶ ପରିଡ଼ା, ସପନ କୁମାର ଦାସ, ଲକ୍ଷ୍ମୀଧର ସାହୁ, ଗିରିଧାରୀ ପଲାଇ, କୃଷ୍ଣଚନ୍ଦ୍ର ରାଉତ, କବିନ୍ଦ୍ର ବେହେରା, ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଘନଶ୍ୟାମ ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଡେଲାଙ୍ଗର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଲକ୍ଷ୍ମୀବଜାରରେ ୧୬ ତମ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ୧୪ ଜଣ ମାନସିକ କଳସଧାରୀ ଡେଲାଙ୍ଗ ଥାନା ପରିସରରେ ଥିବା ପୁଷ୍କରିଣୀରୁ କଳସ ବୁଡ଼ାଇ ଲକ୍ଷ୍ମୀପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ ଭାବେ ସତ୍ୟବାଦୀ ମିଶ୍ର ଓ ଅକ୍ଷୟ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସୋମନାଥ ପରିଡ଼ା କର୍ତ୍ତା ଓ ଧର୍ମପତ୍ନୀ ପ୍ରଭାତୀ ପରିଡ଼ା କର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଲକ୍ଷ୍ମୀପୂଜା କମିଟି ସଭାପତି ସୌଭାଗ୍ୟ ବରାଳ, ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ସଦାଶିବ ବରାଳ, କବିନ୍ଦ୍ର ଗୁରୁ, ସୋମନାଥ ବିଶ୍ୱାଳ, ନୀଳମଣୀ ପ୍ରଧାନ, ରାଧାଶ୍ୟାମ ଜେନା, ଜଗନ୍ନାଥ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବେରବୋଇ ବଜାରସ୍ଥିତ ଲକ୍ଷ୍ମୀପୂଜା ମଣ୍ଡପରେ ୩୩ ତମ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଯାଇଛି। ଏହି ଅବସରରେ ୯ ଜଣ କଳସଧାରୀ ବେରବୋଇ ଗ୍ରାମର ଆରାଧ୍ୟ ଶ୍ରୀ ବ୍ରହ୍ମେଶ୍ୱରଦେବଙ୍କ ପୋଖରୀରୁ କଳସ ବୁଡାଇ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୂର୍ଯ୍ୟପ୍ରସାଦ ମିଶ୍ର ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରମୋଦ ସ୍ୱାଇଁ କର୍ତ୍ତା ଓ ସତ୍ୟଭମା ସ୍ୱାଇଁ କର୍ତ୍ତ୍ରୀ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ବଚନ ସ୍ୱାଇଁ, ଅବିନାଶ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ସରୋଜ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଓଡତରବୋଇ, ହଳଦୀଗୋରଡା, ପୋଷଲ, କଲ୍ୟାଣପୁର ପ୍ରମୁଖ ଗ୍ରାମରେ ମଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି।

କଣାସ ବ୍ଲକର ବିଭିନ୍ନ ବଜାର ଓ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। କଣାସ ଗୋଲାବଜାରରେ ଫ୍ରେଣ୍ଡସ୍ କ୍ଲବ, କଣାସ ବସ୍ତ୍ରାଣ୍ଡ ବ୍ୟବସାୟୀ ସଂଘ ଓ ଜନମଙ୍ଗଳ କ୍ଲବ ପକ୍ଷରୁ ଏହି ପୂଜା ଧୂମ୍ଧାମରେ ପାଳିତ ହୋଇଛି। ସେହିପରି ଗୋପୀନାଥପୁର ଗ୍ରାମରେ ମଧ ଗଜଲକ୍ଷ୍ମୀଙ୍କ ପୂଜା ବେଶ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଗ୍ରାମର ମହିଳା ଓ ପୁରୁଷମାନେ ଦୟାନଦୀରେ ପୂଜାର୍ଚ୍ଚନା କରି କୁମ୍ଭ ବୁଡ଼ାଇ ଗଜଲକ୍ଷ୍ମୀଙ୍କୁ ପୂଜାମଣ୍ଡପକୁ ଆଣିଥିଲେ। ସେହିପରି କଣାସ ବ୍ଲକର ପ୍ରତ୍ୟେକ ଗ୍ରାମରେ କୁମାରପୂର୍ଣ୍ଣିମା ପାଳନ ଅବସରରେ ଚାନ୍ଦପୂଜା ଦେଖିବାକୁ ମିଳିଥିଲା। କୁଆଁରୀ ଝିଅମାନେ ପ୍ରଭାତରୁ ସ୍ନାନ ସାରି ଚାଉରାମୂଳରେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଚାନ୍ଦ ନିର୍ମାଣ କରି ପୂଜାକାର୍ଯ୍ୟ କରିବା ନିୟମ ଥିବାବେଳେ ଚନ୍ଦ୍ରଗ୍ରହଣ ହେତୁ ଅପରାହ୍ଣରେ ଚାନ୍ଦପୂଜା କରାଯାଇଥିବା ଦେଖିବାକୁ ମିଳିଥିଲା।


ପିପିଲି ଭକ୍ତ ଦାସିଆ ପୀଠରେ ମା'ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ।

## ନିମାପଡ଼ାରେ ହେବ ବିଜେଡି ପ୍ରଶିକ୍ଷଣ ଶିବିର

**ନିମାପଡ଼ା,୨୮।୧୦(ବିଚିତ୍ରାନନ୍ଦ ସାହୁ):**

ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ନିମାପଡ଼ାଠାରେ ମେଗା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଶିବିର ପାଇଁ ଏବେଠୁ ଜୋରଦାର ପ୍ରସ୍ତୁତି ଚାଲିଛି। ଶିବିରରେ ନିର୍ବାଚନମଣ୍ଡଳୀ ତଥା ନିମାପଡ଼ା ଏବଂ ଗୋପ ବ୍ଲକର ୪୬ଟି ଗ୍ରାମପଞ୍ଚାୟତ ଓ ଏନ୍ଏସିର ୧୧ଟି ୱାର୍ଡର ବଛା ବଛା ୩ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ବିଧାୟକ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା, ବିଭିନ୍ନ ଖସଡ଼ା ପ୍ରସ୍ତୁତ କରିବା, ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନାଙ୍କୁ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚାଇବା ସମ୍ପର୍କରେ ଶିବିରରେ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଶିବିରକୁ ସଫଳ କରିବା ପାଇଁ ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ଦାଶ ଆହ୍ୱାନ ଦେଇଛନ୍ତି। ବିକାଶ ହିଁ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ଆଶାତୀତ ସଫଳତା ଆଣିଦେବ ବୋଲି ବିଧାୟକ ଦାଶ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦୁର୍ବୃତ୍ତମାନ ଘରେ ନିଆଁ ଲଗାଇଦେବା ଅଭିଯୋଗ

**ବଳଙ୍ଗା, ୨୮।୧୦(କେଦାରେଶ୍ୱର ନନ୍ଦ):** ଶୁକ୍ରବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଦୂପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ଦୂପାଟଣା ଗ୍ରାମର ନୀଳକଣ୍ଠ ସାହୁ (୫୪)ଙ୍କ ଘର କାମ ଚାଲିଥିବା ସମୟରେ ତାଙ୍କ ଅର୍ଦ୍ଧନିର୍ମିତ ଛାତ ଘରେ ଇଲେକ୍ଟ୍ରି କାମ କରିବା ପାଇଁ ୪୦ ହଜାର ଟଙ୍କାର ବିଦ୍ୟୁତ ଉପକରଣ ରଖିଥିଲେ। ଶୁକ୍ରବାର ରାତିରେ ପରିବାର ଲୋକେ ଶୋଇଥିବା ସମୟରେ ଦୁଇ ମହଲା ଘରେ ନିଆଁ ଜଳୁଥିବା ଦେଖି ଗ୍ରାମରେ ଜଣେ ବ୍ୟକ୍ତି ନୀଳକଣ୍ଠଙ୍କୁ ଜଣାଇଥିଲେ। ନୀଳକଣ୍ଠ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ।

### ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ପିପିଲି, ୨୮।୧୦ (ଦୁର୍ଗା ମାଧବ ମିଶ୍ର):** ପୁରୀସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପିପିଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ପିପିଲି ଟାଏକୋଣ୍ଡୋ ଏକାଡେମୀର କୋଚ୍ ନୃସିଂହ ସିଂହ ଏବଂ ସଭାପତି ପ୍ରଦ୍ୟୁମ୍ନ ପ୍ରଧାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରୁ ୮ଟି ଗୋଲ୍ଡ ଏବଂ ୧୪ଟି ସିଲଭର ପଦକ ହାସଲ କରି ୨୨ ଜଣ ପ୍ରତିଯୋଗୀ ସଫଳତା ଆଣି ଦେଇଛନ୍ତି।

## ପଞ୍ଚାୟତର ଉନ୍ନତି ସୂଚକ ତାଲିମ ଶିବିର ଉଦ୍‌ଘାଟିତ

**ନିମାପଡ଼ା,୨୮।୧୦(ବିଚିତ୍ରାନନ୍ଦ ସାହୁ)**

ପୁରୀ ଜିଲା ପରିଷଦ ପକ୍ଷରୁ ଗ୍ରାମପଞ୍ଚାୟତର ଉନ୍ନତି ସମ୍ପର୍କିତ ୪ ଦିନିଆ ତାଲିମ ଶିବିର ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ପୁରୀ ସ୍କିଲ ଡେଭେଲପମେଣ୍ଟ ପ୍ରୋଗ୍ରାମ ମ୍ୟାନେଜର ତୃପ୍ତି ବଡ଼ଜେନା, ତାଲିମ ସଂଯୋଜକ ବିଶ୍ୱଜିତ୍ ଓଝା, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, କମ୍ପ୍ୟୁଟର ପ୍ରୋଗ୍ରାମର ସସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୯ଟି ବିଷୟବସ୍ତୁ ଉପରେ ପଞ୍ଚାୟତର ବିକାଶ ନେଇ ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିଥିଲେ। ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକା ଗ୍ରାମ, ସୁସ୍ଥ ପଞ୍ଚାୟତ, ଶିଶୁ ପ୍ରିୟ ଗ୍ରାମପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ, ଆତ୍ମନିର୍ଭରଶୀଳ, ଭିତ୍ତିଭୂମି ଥିବା ଗ୍ରାମ, ସାମାଜିକସ୍ତରରେ ସୁରକ୍ଷିତ ଗ୍ରାମ, ସୁଶାସନଯୁକ୍ତ ଗ୍ରାମ, ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଆଦି ବିଷୟବସ୍ତୁକୁ ଆଧାର କରି ପଞ୍ଚାୟତର ବିକାଶ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

## ନୈତିକ ମୂଲ୍ୟବୋଧ ସଚେତନତା ଶୋଭାଯାତ୍ରା

**କୋଣାର୍କ, ୨୮।୧୦(ଜ୍ୟୋତିରାଜ ମହାନ୍ତି):** କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଯୁବ ସମାବେଶର ଦ୍ୱିତୀୟ ଦିବସରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ ସହ ଏକ ଯୋଗ ଶିବିର ଓ ସୂର୍ଯ୍ୟ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ନୈତିକ ମୂଲ୍ୟବୋଧର ଶିକ୍ଷା ଉପରେ ଆଧାରିତ ବାର୍ତ୍ତା ନେଇ କୋଣାର୍କ ସହରରେ ପରିକ୍ରମା କରିଥିଲା। ସାଇବାବାଙ୍କ ଭଜନ ସହିତ ବିଭିନ୍ନ ଧାର୍ମିକ ବାର୍ତ୍ତା ନେଇ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର, ଚେନ୍ନାଇର ଟିଏସ୍ ବାଲରାମଚନ୍ଦ୍ରନ, ହାଇଦ୍ରାବାଦର ଗୋପୀ କ୍ରିଷ୍ଣା ପୀଡ଼ାତାଲା ଯୋଗଦେଇ ଭଗବାନ ସତ୍ୟସାଇ ବାବାଙ୍କ ଦିବ୍ୟ ବାର୍ତ୍ତା ଓ ସାଧନାକୁ ଯୁବ ସମାଜ ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବାବାଙ୍କ ଜୀବନୀ ପ୍ରତ୍ୟେକ ଯୁବ ସମାଜର ଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଯୁବ ସଂଯୋଜକ ଚିନ୍ମୟ ପତି, ଯୁବ ସଂଯୋଜକ ତୁଷାରକାନ୍ତ ନାଥ, ଜିଲା ସଭାପତି ବଂଶୀଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଶ୍ରୀ ଦାସ, ଅରବିନ୍ଦ ସାହୁ, ବାମଦେବ ଆଲୁକ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ଯୁବ ସମାବେଶର ଦ୍ୱିତୀୟ ଦିବସରେ ବିଶାଳ ଶୋଭାଯାତ୍ରା ।

# 'ପ୍ରତିଟି ଭୋଟ ମୂଲ୍ୟବାନ୍'

### ଭୋଟର ତାଲିକା ସଂଶୋଧନ ଅବସରରେ ପଥ ଉତ୍ସବ ଅନୁଷ୍ଠିତ

**ପୁରୀ, ୨୮।୧୦(ଅଜିତ୍ ମହାନ୍ତି):** ଗଣତନ୍ତ୍ରକୁ ସୁଦୃଢ କରିଥାଏ ମତଦାନ। ତେଣୁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ନିଜ ନାମକୁ ଅନ୍ତର୍ଭୁକ୍ତ କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅନୁରୋଧ କରିଛନ୍ତି। ଶନିବାର ପୂର୍ବାହ୍ନରେ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ। ୧ ଜାନୁଆରୀ ୨୦୨୪ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ କିମ୍ବା ତଦୁର୍ଦ୍ଧ ହେଉଛି ସେମାନେ ଭୋଟର ହେଲ୍‌ପଲାଇନ୍ ଆପ୍ ମାଧ୍ୟମରେ କିମ୍ବା ବିଏଲ୍‌ଓଙ୍କ ମାଧ୍ୟମରେ ଭୋଟର ତାଲିକାରେ ସାମିଲ ପାଇଁ ଫର୍ମ ନମ୍ବର ୬ରେ ଆବେଦନ କରିପାରିବେ। ସେହିପରି ମୃତ୍ୟୁ କ୍ଷେତ୍ରରେ ୭ନମ୍ବର ଫର୍ମ ଓ ନାମ, ତଥ୍ୟ, ଫଟୋ ଠିକଣା ଇତ୍ୟାଦି ସଂଶୋଧନ ପାଇଁ ୮ ନମ୍ବର ଫର୍ମରେ ଆବେଦନ କରିପାରିବେ। ପ୍ରତିଟି ଭୋଟ ମୂଲ୍ୟବାନ। ତେଣୁ ପ୍ରତ୍ୟେକ ଭୋଟର ମତଦାନ କରିବାକୁ ସାହୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଭୋଟର ତାଲିକା ସଂଶୋଧନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଭୋଟର କାର୍ଡ କେବଳ ମତଦାନ ନୁହେଁ ଅନ୍ୟାନ୍ୟ ବିବିଧ କାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଅନୁରୋଧ କରିଥିଲେ। ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରା ମେଡିକାଲ ଛକଠାରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଝୋଟି ମୁରୁଜ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ସଂଶୋଧନ କାର୍ଯ୍ୟକ୍ରମ ଚଳିତ ମାସ ୨୭ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନଭେମ୍ବର ୫, ୧୧, ୧୯ ଓ ୨୫ ତାରିଖକୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ଧାର୍ଯ୍ୟ କରାଯାଇଛି।



ଭୋଟର ତାଲିକା ସଂଶୋଧନ ଅବସରରେ ଅନୁଷ୍ଠିତ ପଥଉତ୍ସବ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅନ୍ୟମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ଅକ୍ଟୋବର, ୨୦୨୩



### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଯାଁଳା,(ବୁଲା ବାରିକ):୧୬ ନମ୍ବର ଜାତୀୟ ରାଜପଥର ଯାଁଳା ବଜାର ସର୍ଭିସ ରାସ୍ତାରେ ଶନିବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମରେ ରହୁଥିବା ଲକ୍ଷ୍ମଣ ସାମଲ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳ ୯ଟାରେ ଲକ୍ଷ୍ମଣ ଓ ତାଙ୍କ ଭାଇ ବାଇକ୍‌ରେ ତମାଣ୍ଡୋ ଯାଉଥିଲେ। ଏହି ସମୟରେ ଏକ କାର୍ ଆସି ବାଇକକୁ ଧକ୍କା ଦେଇଥିଲା। ଫଳରେ ଲକ୍ଷ୍ମଣଙ୍କ ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି।

## ସଂକ୍ଷେପରେ

### ମଦ ପିଇବାକୁ ବାରଣ କରିବାରୁ ଲଜିଂ ମ୍ୟାନେଜରଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ମଦ ପିଇବାକୁ ବାରଣ କରିବାରୁ ଜଣେ ଲଜିଂ ମ୍ୟାନେଜରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଏକ ହୋଟେଲ ସାମ୍ନାରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ମ୍ୟାନେଜର ପ୍ରକାଶ ସାହୁ ଆହତ ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାର, କଟକ ରୋଡ୍‌ରେ ଥିବା ଭାବଲକ୍ଷ୍ମୀ ହୋଟେଲ ସାମ୍ନାରେ କେତେଜଣ ଯୁବକ ଶୁକ୍ରବାର ରାତି ୧୨ଟାରେ ମଦ୍ୟପାନ କରୁଥିଲେ। ତେବେ ଏହାକୁ ହୋଟେଲର ଲଜିଂ ମ୍ୟାନେଜର ପ୍ରକାଶ ବାରଣ କରିବାରୁ ଯୁବକମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଆଖିରେ ଆଘାତ ଲାଗିଛି।

### ବ୍ରାଉନସୁଗାର କାରବାରରେ ଇଞ୍ଜିନିୟର



ଗିରଫ ଇଞ୍ଜିନିୟର ପ୍ରୀତମ କୁମାର ସାହୁ ଓ ସନ୍ତୋଷ କୁମାର ସାହୁ।

ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ବାଲେଶ୍ୱରରୁ ରାଜଧାନୀ ଭୁବନେଶ୍ୱରକୁ ବେଆଇନ ଭାବେ ବ୍ରାଉନସୁଗାର ଚୋରା ଚାଲାଣ ହେଉଛି। ଏହି ର୍‍୍ୟାକେଟରେ ଇଞ୍ଜିନିୟରଙ୍କ ଭଳି ଉଚ୍ଚ ଶିକ୍ଷିତ ସାମିଲ ହେଉଛନ୍ତି। ଘଟଣାକ୍ରମରେ ଚୋରା ଚାଲାଣ ସହ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଖଣ୍ଡଗିରି ଥାନା ପୋଲିସ ଜଣେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ପ୍ରୀତମ କୁମାର ସାହୁ ଓରଫ ବାବୁ ଓ ଅନ୍ୟ ଜଣେ ହେଲେ ସନ୍ତୋଷ କୁମାର ସାହୁ। ଉଭୟଙ୍କଠାରୁ ପୋଲିସ ୨୦.୨୯ ଗ୍ରାମ ବ୍ରାଉନସୁଗାର ଓ ନଗଦ ୩୨୦୦ ଟଙ୍କା ଜବତ କରିଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରୀତମ ହେଉଛନ୍ତି ଡିପ୍ଲୋମା ଇଞ୍ଜିନିୟର। ସେ ଗ୍ରାଉଣ୍ଡ୍ ୱାଟର ଡିପାର୍ଟମେଣ୍ଟରେ ପ୍ରୋଜେକ୍ଟ କୋ-ଅର୍ଡିନେଟର ଭାବେ ଠିକାରେ କାମ କରୁଥିବା ଓ ମାସିକ ୪୫ ହଜାର ଟଙ୍କା ପାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସେହିପରି ସନ୍ତୋଷ ଖଣ୍ଡଗିରି ଅଞ୍ଚଳରେ ଏକ ଫାଷ୍ଟ ଫୁଡ୍ ଦୋକାନ କରିଥିବା ଜଣାପଡ଼ିଛି। ଉଭୟେ ଅଧିକ ଟଙ୍କା ରୋଜଗାର ଲୋଭରେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ବେପାର କରୁଥିବା ପୋଲିସ କହିଛି।

# ପଦ୍ମକେଶରୀପୁର ଗୋଷ୍ଠୀ ସଂଘର୍ଷ: ୭୭ ଗିରଫ

## ପୁରୁଷ ଶୂନ୍ୟ ହୋଇପଡ଼ିଛି ଗାଁ, ପାଳନ ହେଲାନି କୁମାରୋତ୍ସବ

ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମ ପଞ୍ଚାୟତ ପଦ୍ମକେଶରୀପୁରରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ପୃଥକ୍ ୨ ମାମଲା ରୁଜୁ କରି ଉଭୟ ପକ୍ଷରୁ ୭୭ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତେବେ ଏତେ ସଂଖ୍ୟକ ଲୋକଙ୍କୁ ଗିରଫ କରିବା ପରେ ଗାଁ ପୁରୁଷଶୂନ୍ୟ ହୋଇଯାଇଛି। ଅପରପକ୍ଷେ ଭୟରେ ଗାଁର ଝିଅମାନେ କୁମାର ପୂର୍ଣ୍ଣିମା ପାଳନ କରି ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପଦ୍ମକେଶରୀପୁର ଗାଁ ମଝିରେ ଥିବା ପିଣ୍ଡିରେ ମଝି ସାହିର କିଛି ଲୋକ ଗୁରୁବାର ବିଳମ୍ବିତ ରାତିରେ ଖଟି କରୁଥିଲେ। ସେହି ସମୟରେ ତଳ ସାହିର ଜଣେ ଲୋକ ସେହି ବାଟ ଦେଇ ଯାଉଥିବାବେଳେ ମଝି ସାହିର ଲୋକେ ତାଙ୍କୁ କମେଣ୍ଟ କରିଥିଲେ। ଏହାକୁ ଉକ୍ତ ବ୍ୟକ୍ତିଜଣକ ବିରୋଧ କରିବାରୁ ମଝି ସାହିର ଲୋକମାନେ ମାଡ଼ ମାରିଥିଲେ।



ମଞ୍ଚେଶ୍ୱର ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ।

ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଘଟଣା ସଂକ୍ରାନ୍ତରେ ନିଜ ସାହି ବାସିନ୍ଦାଙ୍କୁ ଜଣାଇବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଉଭୟ ସାହି ବାସିନ୍ଦା ଅନ୍ଧାର ରାତିରେ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଫଳରେ ଉଭୟ ପକ୍ଷରୁ ୨୦ରୁ ଅଧିକ ଆହତ ହୋଇଥିଲେ। ପଞ୍ଚାୟତ ନିର୍ବାଚନରୁ ଦୁଇ ସାହି ବାସିନ୍ଦା ବାରମ୍ବାର ଏଭଳି ମୁହାଁମୁହିଁ ହେଉଛନ୍ତି। ଗତ ସେପ୍ଟେମ୍ବର ୧ରେ ଦୁଇସାହି ବାସିନ୍ଦାଙ୍କ ମଧ୍ୟରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଢେଲା ପଥର, କାଚ ବୋତଲ, ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷର ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା।

## ଖା ଦ୍ୟ ରୁ ଚି

# ଖାସିମାଂସ ଡାଲମା

ଭୁବନେଶ୍ୱର, ୨୮।୧୦ (ବନ୍ଦନା ସେଠୀ): ଚଳିତ ସପ୍ତାହ ଖାଦ୍ୟରୁଚିରେ ଖାସି ମାଂସକୁ ନେଇ ଏକ ନୂତନ ଡିସ୍ 'ଖାସିମାଂସ ଡାଲମା' ସ୍ଥାନ ପାଇଛି। ସାଧାରଣତଃ ମାଂସକୁ ନେଇ କଷା କିମ୍ବା ତରକାରି କରାଯାଇଥାଏ। ମାତ୍ର ଏଥିରେ ପନିପରିବା ପକାଇ କିପରି ସ୍ୱାଦିଷ୍ଟ ଏବଂ ପ୍ରୋଟିନ୍‌ଯୁକ୍ତ ଡାଲମା ପ୍ରସ୍ତୁତ କରିହେବ ତାହା ଫୁଡ୍ ବ୍ଲଗର୍ ପ୍ରିତ୍ ଦାସଙ୍କଠାରୁ ଜାଣିବା।





ଫୁଡ୍ ବ୍ଲଗର୍ ପ୍ରିତ୍ ଦାସ

### ଆବଶ୍ୟକ ସାମଗ୍ରୀ

ଖାସିମାଂସ- ୨୫୦ ଗ୍ରାମ୍
ଡାଲି- ମୁଗ, ହରଡ, ମସୁର ମିଶିକି ୧୫୦ ଗ୍ରାମ୍
ପରିବା- ଆଳୁ, ସାରୁ, ଦେଶୀ ଆଳୁ, ଅମୃତଭଣ୍ଡା (ଛୋଟ ଛୋଟ କଟା ପରିବା)
କୋରା ନଡ଼ିଆ- ଅଧାକପ୍
ବଟା ମସଲା- ଅଦା ୧ଇଞ୍ଚ, ରସୁଣ ୧ଟି, ପିଆଜ ୧ଟି, କିଛି ଜିରା ଓ ଧନିଆ
ହଳଦୀଗୁଣ୍ଡ- ୧ ଚାମଚ
ଲଙ୍କାଗୁଣ୍ଡ- ୧ ଚାମଚ
ଗରମ ମସଲା- ଚିମୁଟେ
ଭଜା ଜିରା ଲଙ୍କା ଗୁଣ୍ଡ-୧ ଚାମଚ
କଟା ପିଆଜ-୧ଟି
ସୋରିଷ ତେଲ- ୩ ଚାମଚ
ଟମାଟୋ-୧ଟି
ଚିନି- ଚିମୁଟେ
ଧନିଆ ପତ୍ର ଓ ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍‌ରେ ପ୍ରେସରକୁକର ବସାଇ ସେଥିରେ ତେଲ ପକାଇବା। ତେଲ ଗରମ ହେଲେ ସେଥିରେ ଚିମୁଟେ ଚିନି ଆଉ କିଛି ଫୁଟଣ ଓ ଜିରା ପକାଇବା। ଏବେ ସେଥିରେ କଟା ପିଆଜ ଦେଇ ଭଲଭାବେ ଭାଜିବା। ପିଆଜ ଭାଜି ହୋଇଗଲା ପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ବଟା ମସଲା ପକାଇ ଭଲଭାବେ କଷିବା। ମସଲା କଷି ହୋଇଗଲା ପରେ ସେଥିରେ ମାଂସ ପକାଇ ସ୍ୱାଦ ଅନୁସାରେ ଲୁଣ ଦେଇ କଷିବା। ମାଂସ ଅଧା ଶିଝିଯିବା ପରେ ସେଥିରେ ଡାଲି ଆଉ ପରିବା ପକାଇବା। ଏବେ ସେଥିରେ କଟା ଟମାଟୋ, ନଡ଼ିଆ କୋରା ପକାଇ ଅଳ୍ପ ପାଣି ଦେଇ ପ୍ରେସରକୁକରର ଢାଙ୍କୁଣି ବନ୍ଦ କରିଦେବା। କମ୍ ଆଞ୍ଚରେ ଗୋଟିଏ ହୁଇସିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା। ଏବେ କୁକରର ଢାଙ୍କୁଣି କାଢି ସେଥିରେ ଭଜା ଜିରା ଓ ଲଙ୍କା ଗୁଣ୍ଡ, ଗରମ ମସଲା, ଧନିଆ ପତ୍ର ପକାଇ ପାତ୍ରକୁ କାଢ଼ିବା। ପ୍ରସ୍ତୁତ ହୋଇଗଲା ମାଂସ ଡାଲମା। ଏବେ ଭାତ କିମ୍ବା ରୁଟି ସହିତ ଏହାକୁ ଖାଇହେବ।

# ଓଡ଼ିଶୀ ନୃତ୍ୟ, ମର୍ଦ୍ଦଳବାଦନ, ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ମନମୋହିଲା

## ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ତ୍ରିଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟ ସହିତ ମର୍ଦ୍ଦଳ ବାଦନର ଯୁଗଳବନ୍ଦୀ ଏବଂ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ପାରମ୍ପରିକ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନମୋହିଥିଲା। ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ସୁଶ୍ରୀ ବାଗ୍ମୀଶ୍ରୀ ଦାସଙ୍କ ଏକକ ଓଡ଼ିଶୀ ନୃତ୍ୟ। ତାଙ୍କ ପ୍ରସ୍ତୁତିରେ ଥିଲା ମଙ୍ଗଳା ଚରଣରେ ଲକ୍ଷ୍ମୀନୃସିଂହ ଧ୍ୟାନ, ଯାହା ରାଗ ମଙ୍ଗଳଗୁଜରୀ ଓ ଲଳିତ ଏବଂ ତାଳଏକତାଳୀ ଓ ଯତିଉପରେ ନିବଦ୍ଧ ଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ। ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଶବ୍ଦ ସଂଯୋଜନା ଗୁରୁ ବନମାଳୀ ମହାରଣା ଓ ନୃତ୍ୟ ସଂରଚନା ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା କରିଥିଲେ। ପରେ ତାଙ୍କ ପ୍ରସ୍ତୁତିରେ ଥିଲା ନବରସ, ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଦେବ ପ୍ରସାଦ ଦାସ। ପରବର୍ତ୍ତୀ ଉପସ୍ଥାପନା ଥିଲା ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ଦ୍ୱାରା ମର୍ଦ୍ଦଳ ବାଦନର ଯୁଗଳବନ୍ଦୀ। ସନ୍ଧ୍ୟାର ଶେଷ ପ୍ରସ୍ତୁତିଟି ଥିଲା ପଣ୍ଡିତ ଶିବ ପ୍ରସାଦ ରଥଙ୍କ ଦ୍ୱାରା ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ। ସେ ସୁନ୍ଦର ପାରମ୍ପରିକ ଓ ଭକ୍ତିପୁତ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ ସଭାପତି ମନ୍ମଥ କୁମାର ଶତପଥୀ, ସୁର ସିଙ୍ଗର ସଂସଦର ସଚିବ ଏମ୍. କେ. ପଟେଲ, କଳା ସମୀକ୍ଷିକା ଡ. ନୀତା ବିଦ୍ୟାର୍ଥୀ ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା। କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ବିଶ୍ୱଜିତ ବଳିୟାରସିଂହ।



ଜଣେ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସ୍ୱର୍ଗତ ଗୁରୁ ଦୟାନିଧି ଦାସଙ୍କୁ 'ଗୁରୁ ଦେବପ୍ରସାଦ ସମ୍ମାନ'

### ଅଷ୍ଟମ ଗୁରୁ ଦେବ ପ୍ରସାଦ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୦ (ବନ୍ଦନା ସେଠୀ)

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଅଷ୍ଟମ ଗୁରୁ ଦେବ ପ୍ରସାଦ ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଓଡ଼ିଶୀ ଗୁରୁ ଦେବପ୍ରସାଦ ଦାସଙ୍କ ୯୧ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି ଉତ୍ସବକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ନିମନ୍ତେ ସ୍ୱର୍ଗତ ଗୁରୁ ଦୟାନିଧି ଦାସଙ୍କୁ ନୃତ୍ୟ ଓ ସଙ୍ଗୀତ ପାଇଁ 'ଗୁରୁ ଦେବପ୍ରସାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ଗୁରୁ ସଦାଶିବ ପ୍ରଧାନଙ୍କୁ ଛଉ ନୃତ୍ୟ ପାଇଁ ଏବଂ ଲାଲା ବିରେନ୍ ରାୟଙ୍କୁ ଥିଏଟର ନିମନ୍ତେ ସମ୍ମାନୀତ କରାଯାଇଥିଲା। ସେହିପରି ମର୍ଦ୍ଦଳ ବାଦନ ନିମନ୍ତେ ସୀତାକାନ୍ତ ଜେନା, ବଂଶୀବାଦନ ପାଇଁ ରୁଦ୍ର ପ୍ରସାଦ ପରିଡ଼ା ଓ ମଣିପୁରୀ ନୃତ୍ୟ ପାଇଁ ଅନିନ୍ଦିତା ମଣ୍ଡଳଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଜ୍ୟୋତିର୍ମୟୀ ନାୟକ, ସ୍ମରଣିକା ପାଢ଼ୀ, ଡ. ଇନ୍ଦ୍ରାଣୀ ସୁଗୁମାର ପ୍ରମୁଖଙ୍କୁ 'ଗୁରୁ ଦେବ ପ୍ରସାଦ ନବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଧୀ ରଞ୍ଜନ ମିଶ୍ର, ଶିଶିର ଭଟ୍ଟାଚାର୍ଯ୍ୟ, ଜଗନ୍ନାଥ ମନସ୍ମୃତି ପ୍ରଚାରକ ଓ ଗବେଷକ ପଣ୍ଡିତ ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଅତିଥି ପରିଚୟ ଓ ଉପଦେଷ୍ଟା ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱରରେ ଚନ୍ଦ୍ରଗ୍ରହଣର ଦୃଶ୍ୟ




ଫଟୋ: ବିକାଶ ନାୟକ

# ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବିଙ୍କ ଜୟନ୍ତୀ




ଭୁବନେଶ୍ୱର, ୨୮।୧୦ (ବନ୍ଦନା ସେଠୀ)

ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମିଳନୀର ମଞ୍ଚେଶ୍ୱର ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଯୁଗ୍ମ-ସମ୍ପାଦକ ଅକ୍ଷୟ କୁମାର ଜେଠୀ, ବାସନ୍ତୀ ତ୍ରିପାଠୀ ଓ ସମରଞ୍ଜନ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜାଗା ମହାବୀରଙ୍କ ଭସାଣି ଉତ୍ସବ

ପୁରୁଣା ଭୁବନେଶ୍ୱର,୨୮।୧୦(ସୁବାସ ଚନ୍ଦ୍ର ପ୍ରଧାନ)

କେଦାରଗୌରୀ ମନ୍ଦିର ପରିସର ରେ ପୂଜା ପାଉଥିବା ଜାଗା ମହାବୀରଙ୍କ ଭସାଣି ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ୪୦ବର୍ଷ ଧରି ଏଠାରେ ଷଷ୍ଠୀରୁ ମହାବୀରଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଆସୁଛି। ଚଳିତ ବର୍ଷ ୧୫ ଫୁଟର ମହାବୀରଙ୍କ ମୂର୍ତ୍ତି ପୂଜା କରାଯାଇଛି। ଶ୍ରୀଲିଙ୍ଗରାଜଙ୍କ ପ୍ରମୁଖ ନିଯୋଗ ସେବାୟତ ସାମିଲ ହୋଇଥାନ୍ତି। ଏହି ଭସାଣି ଶୋଭାଯାତ୍ରାରେ ଘଣ୍ଟ, ଘୋଡାନାଚ, ଡିଜେ ମାଧ୍ୟମରେ ହନୁମାନ ବେଶଧାରୀ ଓ କଟୁଆଳ ଆକର୍ଷଣ ପାଲଟିଥିଲେ। ଅନେକ ଦର୍ଶକ ହନୁମାନଙ୍କ ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟିର ବାସୁଦେବ ସମର୍ଥା, ବାବୁ ମିଶ୍ର, ଗୌରୀ ଶଙ୍କର ଶତପଥୀ, ଅଂଶୁମାନ ମିଶ୍ର, କିଶୋର ମହାପାତ୍ର, କୁମୁଦ ଦାଶ, ଅନନ୍ଦା ମିଶ୍ର, ସୁନୀଲ କୁମାର ପ୍ରଧାନ, ଜୟନ୍ତ ମେକାପ, ଶିବ ପ୍ରସାଦ ସାହୁ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। କେଦାର ଗୌରୀ ଛକ, ରଥରୋଡ଼, ବାରିକ ସାହି, ତିନିମୁଣ୍ଡିଆ, ବଢେଇବାଙ୍କ, ସାମନ୍ତରାପୁର ଛକ ଦେଇ ଦୟାନଦୀ ଅସ୍ଥାୟୀ ପୋଖରୀଠାରେ ପହଞ୍ଚିଥିଲେ।



ଜାଗା ମହାବୀରଙ୍କ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ସେବାୟତ ଓ ଅନ୍ୟମାନେ।

# ଓଡ଼ିଶା ନାଟ୍ୟଜଗତ ପାଇଁ ବୈଷ୍ଣବ ପାଣିଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୪୧ତମ ଜୟନ୍ତୀ ଶନିବାର ଉତ୍କଳ ସଂଗୀତ ମହାବିଦ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଏହାର ସଂଯୋଜନା କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ଯୋଗଦେଇ ଗଣକବିଙ୍କ ଗୁଣଗାନ କରିଥିଲେ। ଗଣକବି ବୈଷ୍ଣବ ପାଣି ମାହାଙ୍ଗା ମାଟିର କୋଠପଦା ଗ୍ରାମର ଏକ ଦରିଦ୍ର ପରିବାରରେ ଜନ୍ମ ହୋଇଥିଲେ। ପିଲାବେଳୁ ମଠରେ ଚାକିରି କରି ଫୁଲ ତୋଳିବା, ଫୁଲ ଗୁନ୍ଥିବା ପରେ ଗୋ ରକ୍ଷକ କାର୍ଯ୍ୟ କରି ସଂଘର୍ଷମୟ ସ୍ଥିତିରେ ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ନିଜର ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କରି ପ୍ରଥମେ ପାଲାଗାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ପାଲା ଛାଡ଼ି ବିଭିନ୍ନ ନୃତ୍ୟ ଦଳରେ ଯୋଗଦେଇ କଳାକାର ଭାବରେ ଅଭିନୟ କରିଥିଲେ। ପରେ ବିଭିନ୍ନ ଗୀତିନାଟ୍ୟ, ନାଟକ, ଭଜନ, ଜଣାଣ ରଚନା କରିବା ସହ ନିଜର ନାଟ୍ୟଦଳ ଗଠନ କରି ବଙ୍ଗ, ବିହାର, ଓଡ଼ିଶାର ବିଭିନ୍ନ ସ୍ଥାନ ସହିତ ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ନାଟକ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ତାଙ୍କ ନାଟକରେ ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମ, ନିଶା ନିବାରଣ, ଅସ୍ପୃଶ୍ୟତା ନିରାକରଣର ଭାବନା ପରିସ୍ଫୁଟ ହୋଇଥିଲା। ନିଜେ ବ୍ରାହ୍ମଣ ହୋଇ ମଧ୍ୟ ଜଣେ ଦଳିତ ଜାତିର ରଜକ କନ୍ୟାକୁ ବିବାହ କରି ସେ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରି ସମାଜର ଘୋର ବିରୋଧୀ ହୋଇ ଗ୍ରାମର ଅନତି ଦୂରରେ ସ୍ତ୍ରୀ ହାରାମଣିଙ୍କ ସହିତ ରହୁଥିଲେ। ତାଙ୍କ ସାମଗ୍ରିକ ଜୀବନ ସଂଘର୍ଷମୟ ଥିଲା। ୧୯୫୬ ମସିହାରେ ଦୟନୀୟ ସ୍ଥିତିରେ ଆର୍ଥିକ ଦୁର୍ଗତି ମଧ୍ୟରେ ସେ କଟକରେ ଇହଲୀଳା ସମ୍ବରଣ କରିଥିଲେ। ଓଡ଼ିଶାର ନାଟ୍ୟଜଗତ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଟାଙ୍ଗୀ,୨୮।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ବଡ଼ପାରି ଗ୍ରାମର ପାଇକସାହିରୁ ଶନିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଜିତେନ୍ଦ୍ର ବିଶ୍ୱାଳ (୩୫)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜିତେନ୍ଦ୍ର ରାଜମିସ୍ତ୍ରୀଭାବେ କାର୍ଯ୍ୟ କରୁଥିବା ବେଳେ ଶୁକ୍ରବାର ସେ ଶ୍ୱଶୁର ଘରକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ରାତିରେ ଖାଇବା ପରେ ଘରେ ଶୋଇଥିଲେ। ତେବେ ଶନିବାର ସକାଳେ ସେ ଘରେ ଏକ ରଶିରେ ଝୁଲୁଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ପାରିବାରିକ କଳହରୁ ଜିତେନ୍ଦ୍ର ଆତ୍ମହତ୍ୟା କରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

### ସଅଳ ପୂଜା ସାରି ଉତ୍ସବ ପାଳିଲେ

**ଖୋର୍ଦ୍ଧା/ନିରାକାରପୁର୨୮।୧୦ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ):** କୁମାର ଉତ୍ସବ ତଥା କୁମାର ପୂର୍ଣ୍ଣିମା ହେଉଛି ଓଡ଼ିଆ ସଂସ୍କୃତି, ପରମ୍ପରାର ଅବିଚ୍ଛେଦ ଅଙ୍ଗ। ତିଥିରେ ଏହି ପର୍ବ ପାଳିତ ହୋଇଥାଏ। ଏନେଇ ସହର ଠାରୁ ଗାଁ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସ ରହିଥିଲା। ତେବେ ଚଳିତବର୍ଷ କୁମାର ଉତ୍ସବରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସକାଳଠାରୁ ଅପରାହ୍ନ ମଧ୍ୟରେ କୁଆଁରୀ କନ୍ୟାମାନେ ଚଉଁରା ମୂଳେ ପୂଜାର୍ଚ୍ଚନା ସାରିଥିଲେ। ଗାଁ ଠୁ ସହର ସବୁଠି ଚନ୍ଦ୍ରଗ୍ରହଣ ଯୋଗୁ ମାହୋଲ ଫିକା ପଡିଥିବା ବେଳେ ଉତ୍ସବ ପାଳନରେ କୌଣସି ପ୍ରଭାବ ପଡିନାହିଁ। ସକାଳ ଠାରୁ ଅପରାହ୍ନ ୨ଟା ମଧ୍ୟରେ ସବୁଠି ପୂଜାର୍ଚ୍ଚନା ଚାଲିଥିବା ଦେଖିବାକୁ ମିଳିଛି। କୁଆଁରୀ କନ୍ୟାମାନେ ଏକାଠି ହୋଇ ନୂତନ ବସ୍ତ୍ର ପରିଧାନ କରି ଚଉଁରା ମୂଳେ ପୂଜା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏନେଇ ଶିକ୍ଷାବିତ୍ ଗୋପାଳ କୃଷ୍ଣ ଦାସ କୁହନ୍ତି, କୁମାରୀମାନେ ଉତ୍ତମ ବର ପାଇବା ପାଇଁ ଏହି ପୂଜା କରିଥାନ୍ତି। ସକାଳୁ ଉଠି ସ୍ନାନାଦି ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ସନ୍ଧ୍ୟା ହେଲେ ଚଉଁରା ମୂଳେ ପୂଜା କରନ୍ତି। ଚଉଁରା ମୂଳରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥାନ୍ତି। ଫୁଲ, ସିନ୍ଦୁରରେ ସଜାଇଥାନ୍ତି। କଳସ ସ୍ଥାପନ କରି ନଡିଆ କଦଳୀ, କ୍ଷୀର,କାକୁଡି, ଆଖୁ, ବିଭିନ୍ନ ପ୍ରକାର ଫଳ ନେଇ ଭୋଗ କରନ୍ତି। ଏଥିସହିତ ଘରେ ଘରେ ବିଭିନ୍ନ ପ୍ରକାର ପିଠାପଣା ହୋଇଥାଏ।

### ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା):** ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଖଣ୍ଡଗିରି ପୋଲିସ ଜଣେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ପ୍ରୀତମ ସାହୁ ଓ ସନ୍ତୋଷ ସାହୁ। ଉଭୟଙ୍କଠାରୁ ପୋଲିସ ୨୦.୨୯ ଗ୍ରାମ ବ୍ରାଉନସୁଗାର ଓ ନଗଦ ୩୨୦୦ ଟଙ୍କା ଜବତ କରିଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ।

# ‘ସାହିତ୍ୟ ବିନା ସଭ୍ୟତା ଆଗେଇ ପାରିବନାହିଁ’

## ମନୁଆ ସାହିତ୍ୟ ସଂସଦର ଅଷ୍ଟମ ସାମ୍ବତ୍ସରିକ ସମାରୋହ



ଅଷ୍ଟମ ସାମ୍ବତ୍ସରିକ ସମାରୋହ ଓ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ,୨୮।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକର ମନୁଆ ସାହିତ୍ୟ ସଂସଦର ଅଷ୍ଟମ ସାମ୍ବତ୍ସରିକ ସମାରୋହ ଓ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ସଂସଦର ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ଡ.ପ୍ରେମାନନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ସୁସାହିତ୍ୟିକ ଡ. ବୈରାଗୀ ଚରଣ ପଟ୍ଟନାୟକ ଏବଂ ବିଶିଷ୍ଟ ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ସଂସଦର ସଂଯୋଜକ ରାଜ କିଶୋର ପାଣିଗ୍ରାହୀ ଓ ସଂଯୋଜିକା ରଶ୍ମୀ କର ପ୍ରମୁଖ ମଞ୍ଚାସୀନ ଥିଲେ। କବି ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ସାହିତ୍ୟ ଭାଷା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ବିଭିନ୍ନ ମତବ୍ୟକ୍ତ କରିଥିଲେ। ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ମଧ୍ୟ ସାହିତ୍ୟ ଭାଷା ଏବେ ମଧ୍ୟ ସଠିକ ସଞ୍ଚାଳନ ହୋଇପାରିନାହିଁ। କେବଳ ସାତଦରିଆ ପାରିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କିନ୍ତୁ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରା ଦେଶବିଦେଶରେ ପରିଚିତ। ତେଣୁ ସାହିତ୍ୟ ବିନା ସଭ୍ୟତା ଆଗେଇ ପାରିବନାହିଁ ବୋଲି ଅତିଥି ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ନିରାକାର ସ୍ୱାଇଁ, କବି ଗୋପୀନାଥ ପରିଡା, ଭାଷାବିତ୍ ପ୍ରେମାନନ୍ଦ ମହାପାତ୍ର, ଡା.ମଧୁସୂଦନ ସୁବୁଦ୍ଧି, କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ଏବଂ ପୋଲିସ ଏସ୍‌ଆଇ ମାଧବାନନ୍ଦ ବସ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ ଜିଲା ଅଞ୍ଚଳରୁ ଏଠାକୁ ଆସିଥିବା ୭୮ ଜଣ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ସୁଧାକର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର ସମ୍ପାଦକ କ୍ଷେତ୍ରବାସୀ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଲମ୍ବୋଦର ଶତପଥୀ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ, ଶିକ୍ଷାବିତ୍ ପତିତପାବନ ବଳବନ୍ତରାୟ,ଗୌରାଙ୍ଗ ଚରଣ ସାମନ୍ତସିଂହାର, କୈଳାସ ରଥ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ଜମ୍ବେଶର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।



କୁମାରପୂର୍ଣ୍ଣିମା ବ୍ରତ ପାଳନ ଅବସରରେ ଠଣାପଲ୍ଲୀ ଗ୍ରାମର କୁମାରୀମାନେ।

# ଯୋଜନାର ସଫଳ ରୂପାୟନରେ ବିକାଶ ସମ୍ଭବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ପଞ୍ଚାୟତ ବିକାଶ ସୂଚକ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୋଲଗଡ଼,୨୮।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଜିଲା ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ପଞ୍ଚାୟତ ବିକାଶ ସୂଚକ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିକାଶ ନିମିତ୍ତ ସରକାରୀ ଯୋଜନା ଗୁଡିକ ସମ୍ବନ୍ଧରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସମସ୍ତ ବିଭାଗୀୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୧୯, ୨୦, ଓ ୨୭ ତାରିଖରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏବିଇଓ କୈଳାସ ନାଥ ସ୍ୱାଇଁ, ଡା.ସୌଦାମିନୀ ବେହେରା, ଏବିଡିଓ ଡ. ରତିକାନ୍ତ ମିଶ୍ର, ବିଏଲ୍‌ସି ସସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜନହିତକର ଯୋଜନାଗୁଡିକ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଯୋଜନା ଗୁଡିକ ସଠିକ ରୂପାୟନ ହୋଇପାରିଲେ ପଞ୍ଚାୟତର ବିକାଶ ସମ୍ଭବ ହୋଇପାରିବ ବୋଲି ବିଡିଓ କହିଛନ୍ତି। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାମଦେବ ନାୟକ ଧନ୍ୟବାଦ ଦେଇଥିଲେ।

# ଡକାୟତି ଘଟଣାରେ ୩ ଗିରଫ

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥ ବାଟମଙ୍ଗଳା ବାଇପାସ୍ ନିକଟରେ ଏକ ମାଲବାହୀ ଟ୍ରକ୍ ଚାଳକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ସହ ଲୁଟ୍ ଘଟଣାରେ ଖୋର୍ଦ୍ଧା ଟାଉନ ଥାନା ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧାର ବିକାଶ ବେହେରା ଓରଫ ଜଗୁ(୨୩), ଅମିୟ ପରିଡା ଓରଫ ଭିକି(୨୨) ଏବଂ ଡେଲାଙ୍ଗ ଥାନା ହରିରାଜପୁରର ଚନ୍ଦନ ଦାସ(୨୦)। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ୨୦୨୨ ଡିସେମ୍ବର ୧୪ ରାତି ସାଢ଼େ ୮ଟାରେ ନିରାକାରପୁର ଥାନା ବଡ଼ପୋଖରୀଆର ଦେବୀ ପ୍ରସାଦ ପାଇକରାୟ ଟ୍ରକ(ନଂ ଓଡି୦୫୨ବିଡି୦୭୪୮)ରେ ଖୋର୍ଦ୍ଧା ବରୁଣେଇ ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ କମ୍ପାନୀକୁ ଯାଉଥିଲେ। ଟ୍ରକକୁ ପିଛା କରୁଥିବା ଏକ ଟାଟା ଏସିଇ(ନଂ ଓଡ଼ି୦୨ବିଡି ୬୬୨୯)ରେ ୫ରୁ ୭ଜଣ ଅଭିଯୁକ୍ତ ଡକାୟତ ଉଦ୍ଦେଶ୍ୟରେ ବାଟମଙ୍ଗଳା ବାଇପାସ ଛକରେ ଅଟକାଇଥିଲେ। ତାଙ୍କୁ ବେକରେ ମାରାଣାସ୍ତ୍ର ଲଗାଇ ଗୋଟିଏ ମୋବାଇଲ ଏବଂ ୬ହଜାର ୭୦୦ ଟଙ୍କା ଲୁଟି ନେଇଥିଲେ। ପୋଲିସ କିମ୍ବା କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଦେବୀ ଆହତ ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେବା ପରେ ଶିଳ୍ପାଞ୍ଚଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ୬୭୮/୨୨)ରେ ରୁଜୁ ହୋଇଥିଲା। ପୋଲିସର ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏହି ଘଟଣାରେ ୩ ଅଭିଯୁକ୍ତ ଧରାପଡିଥିବା ବେଳେ ଅନ୍ୟମାନେ ଫେରାର ରହିଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି।

# ସରିଲା ଜହ୍ନିଓଷା

ବୋଲଗଡ଼,୨୮।୧୦(ଦେବବ୍ରତ ହୋତା)

କୁମାରପୂର୍ଣ୍ଣିମା ଅବସରରେ ଚଳଚଞ୍ଚଳ ହୋଇଉଠିଥିଲା ବୋଲଗଡ଼ ଅଞ୍ଚଳ। ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଆଧାରରେ କୁମାରୀମାନଙ୍କ ପାଇଁ ଏହି ପର୍ବର ବିଶେଷ ମହତ୍ତ୍ୱ ରହିଥିବା ବେଳେ ରୋଗ ମୁକ୍ତ, ଧନପ୍ରାପ୍ତ ଓ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ବର ପାଇବା ବିଶ୍ୱାସରେ ଝିଅମାନେ ଏହି ବ୍ରତ ନିଷ୍ଠାର ସହ କରିଛନ୍ତି। ଭାଦ୍ରବ ପୂର୍ଣ୍ଣମୀଠାରୁ କୁମାରପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ବୃନ୍ଦାବତୀଙ୍କ ଠାରେ ଜହ୍ନି ଓଷା କରବା ସହ ଜହ୍ନି ଫୁଲରେ କୋଠି ତିଆରି କରିବା ସହ କଳସ ସ୍ଥାପନା କରି ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ତେବେ ଜହ୍ନି ଓଷାର ଶେଷ ଦିନ ଅର୍ଥାତ୍ ଶନିବାର ସକାଳେ କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଲିଆ(ଖଇ), ନଡ଼ିଆ, ଗୁଆ ଓ ବିଭିନ୍ନ ପ୍ରକାର ଫଳମୂଳର ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ସହ ତୁଳସୀ ଚଉରା ମୂଳରେ କୁମାରପୂର୍ଣ୍ଣମା ବହି ପଢ଼ି ଉତ୍ସାହର ସହିତ ପାଳନ କରିଛନ୍ତି। ଅନ୍ୟପକ୍ଷରେ କୁମାର ପୂର୍ଣ୍ଣମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ବିଶେଷ ନୀତି ନିର୍ଘଣ୍ଟ ଅନୁଯାୟୀ ପାଳିତ ହୋଇଥିଲା।

# ମତଦାନ ମତଦାତାଙ୍କ ସାମ୍ବିଧାନିକ ଅଧିକାର

## ଭୋଟର ତାଲିକା ସଂଶୋଧନ ନେଇ ସଚେତନତା ଶୋଭାଯାତ୍ରା

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

୨୦୨୪ର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ(ଏସଏସଏଆର) କାର୍ଯ୍ୟକ୍ରମ ୯ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଶନିବାର ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ପଥ ଉତ୍ସବ ଓ ୱାକଥନ ସଚେତନତା ଶୋଭାଯାତ୍ରାକୁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ଷ୍ଟାଡିୟମରୁ ବାହାରି ପଲ୍ଲା ଛକ ଦେଇ ପୁଣି ଷ୍ଟାଡିୟମ ପରିସରରେ ଶେଷ ହୋଇଥିଲା। ଷ୍ଟାଡିୟମ ପରିସରରେ ଆୟୋଜିତ ସଭାରେ ଉପଜିଲାପାଳ ସେଠୀ କହିଥିଲେ, ମତଦାନ ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଭୋଟରମାନେ ନିଜ ମତାଧିକାରୀ ସାବ୍ୟସ୍ତ ପାଇଁ ନିଜ ନାମକୁ ଭୋଟର ତାଲିକାରେ ସାମିଲ କରିବା ଜରୁରୀ। ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିଲେ, ସେମାନେ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ ନାମ ପଞ୍ଜୀକରଣର ସୁବିଧା ରହିଛି। ଭୋଟର ପଞ୍ଜୀକରଣ ନିମନ୍ତେ ଫର୍ମ ନଂ.୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ, ଫର୍ମ ନଂ.୬-(କ) ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ଭାରତୀୟ ଭୋଟର ଦରଖାସ୍ତ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଫର୍ମ ନଂ.୭ରେ ଭୋଟର ତାଲିକାରୁ ନାମ ବାଦ୍ ପଡିବା/ ନାମ ଅନ୍ତର୍ଭୁକ୍ତ ଥିଲେ ଆପତି-ଅଭିଯୋଗ ପାଇଁ ଆବେଦନ କରାଯାଏ। ବର୍ତ୍ତମାନ ଫର୍ମ ନଂ. ୭ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ଫର୍ମ ନଂ.୮ରେ ଭୋଟର ତାଲିକାରେ ତ୍ରୁଟି ଥିବା ବିବରଣୀ ଗୁଡିକ ସଂଶୋଧନ ପାଇଁ ଉଦ୍ଦିଷ୍ଟ। ଏହି ଶୋଭାଯାତ୍ରାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଛାତ୍ରୀଛାତ୍ର, ‘ମୁ ବି ମିତା’ ସ୍ୱେଚ୍ଛାସେବୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ, ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ ଅନୁଷ୍ଠାନ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଭାଷ ପାଣିଗ୍ରାହୀ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ବିଏଲ୍‌ଓ, ଏଏଲ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟାଡିୟମ ପରିସରରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସଚେତନତା ଶୋଭାଯାତ୍ରାକୁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଉଦ୍‌ଘାଟନ କରୁଛନ୍ତି।

# କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଯାଁଳା,୨୮।୧୦(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳା ବଜାର ସର୍ଭିସ ରାସ୍ତାରେ ଶନିବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମରେ ରହୁଥିବା ଲକ୍ଷ୍ମଣ ସାମଲ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳ ୯ଟାରେ ଲକ୍ଷ୍ମଣ ଓ ତାଙ୍କ ଭାଇ ବାଇକ୍‌ରେ ତମାଣ୍ଡୋ ଯାଉଥିଲେ। ଏହି ସମୟରେ ଏକ କାର୍ ଆସି ବାଇକକୁ ଧକ୍କା ଦେଇଥିଲା। ଫଳରେ ଲକ୍ଷ୍ମଣଙ୍କ ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି।

# ପାଲା ମହୋତ୍ସବ ଉଦ୍‌ଯାପିତ



ପରିବେଷିତ ପାଲାର ଏକ ଦୃଶ୍ୟ।

ନିରାକାରପୁର,୨୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ବାଲିଗାଡ଼ିଆ ଗ୍ରାମର ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ କୁମାର ଉତ୍ସବ ଅବସରରେ ଚାଲିଥିବା ୫୩ତମ ସତ୍ୟନାରାୟଣଙ୍କ ପାଲା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ବାଦୀପାଲା ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା। କଟକ ଜିଲା ବଡମ୍ବା ଅଞ୍ଚଳର ପାଲା ଗାୟକ ନୃସିଂହ ଚରଣ ହୋତା ଏବଂ ଖୋର୍ଦ୍ଧା ବନମାଳୀପୁର ଅଞ୍ଚଳର ଡ.ଶିଶିର କୁମାର ପାଢ଼ୀ ପାଲା ପରିବେଷଣ କରିଥିଲେ। ବାଲିଗାଡ଼ିଆ ଗ୍ରାମବାସୀ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକ ଅଜୟଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୮।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ବିଧାୟକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ ଅଜୟ କୁମାର ଜେନାଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୫ ମୌଜା ପରିଚାଳନା କମିଟି ସଭାପତି ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୋମୁଣ୍ଡିଆ ପଞ୍ଚାୟତର ପତି ମାର୍କେଟ ଠାରୁ ବାହାରି ବଜାର ପରିକ୍ରମା କରି ଉଦୟନାଥ ଜେନାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଚାରିଛକ ବଜାରରେ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ଆଲୋଚନା କରାଯାଇଥିଲା। ସେହିପରି ବ୍ରାହ୍ମଣଦେଓ ଗ୍ରାମରେ ଅଲେଶ୍ୱର ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ, ପ୍ରମୋଦ କୁମାର ପଟ୍ଟନାୟକ, କଲ୍ୟାଣ ରଣସିଂହ, ସାମନ୍ତ ବିମଳ ରଣସିଂହ, ମୋଚିରାମ ବିଶ୍ୱାଳଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ମୃତିସଭା ହୋଇଯାଇଛି। ନନ୍ଦଳା ଗ୍ରାମରେ କିଶୋର ଚନ୍ଦ୍ର ବିଶୋଇ, ବସନ୍ତ କୁମାର ନାୟକ, ମାଗୁଣି ନାୟକ, ବିଷ୍ଣୁ ପ୍ରସାଦ ଦଳେଇ, ଅଖିଳ ନାୟକ, ହିମାଂଶୁ ବିଶୋଇଙ୍କ ନେତୃତ୍ୱରେ ଯାତ୍ରା ପେଣ୍ଡାଲରେ ସ୍ୱର୍ଗତ ଜେନାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ଏକ ଶୋକ ସଭା ହୋଇଥିଲା। ମର୍ଦ୍ଧରାଜପୁର ମା’ଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସାମାଜିକ କର୍ମୀ ବିଜୟ କୁମାର ତରେଇ, ଗୌତମ ଜେନାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାମଲେଙ୍କା ସରପଞ୍ଚଙ୍କ ପ୍ରତିନିଧି ଅଞ୍ଚଳ କୁମାର ବିଶ୍ୱାଳ, ଦେବେନ୍ଦ୍ର ତରେଇ, ରଞ୍ଜନ କୁମାର ପଲେଇ ପ୍ରମୁଖ ସାମିଲ ହୋଇ ସିପିଆ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ।



ପୂର୍ବତନ ବିଧାୟକ ଅଜୟ କୁମାର ଜେନାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଉଛି।

# ରଙ୍ଗିନ୍ ଆଲୋକରେ ଝଲସୁଛି ସହର

ଖୋର୍ଦ୍ଧା,୨୮।୧୦ (ପ୍ରଭାତ ପାଣିଗ୍ରାହୀ)

ଧରାବତରଣ କରିଛନ୍ତି ମା’ଧନଲକ୍ଷ୍ମୀ। ମା’ଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସବୁଠି ରହିଛି ଉତ୍ସାହର ମାହୋଲ। ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା’ଲକ୍ଷ୍ମୀଙ୍କ ଚାଲିଛି ଆରାଧନା। ମନ୍ତ୍ର ଉଚ୍ଚାରଣ, ଘଣ୍ଟ କାହାଳୀ, ବାଦ୍ୟଯନ୍ତ୍ରରେ କମ୍ପୁଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ତେବେ ଶନିବାର ଚନ୍ଦ୍ରଗ୍ରହଣ ଯୋଗୁ ସମସ୍ତ ପୂଜାମଣ୍ଡପରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ମଧ୍ୟରେ ପୂଜା ସମାପନ ହୋଇଥିଲା। ମା’ଙ୍କ ପୂଜାର୍ଚ୍ଚନା ପରେ ମଣ୍ଡପ ଗୁଡିକରେ ପରଦା ଟଣାଯାଇଛି। ଫଳରେ ଭକ୍ତମାନେ ମା’ଙ୍କ ଦର୍ଶନ ନ ପାଇ ନିରାଶ ହୋଇ ଫେରିଥିଲେ।

ଖୋର୍ଦ୍ଧା ସହରର ୩୧ମଣ୍ଡପରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ। ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଦୈନିକ ଅଖଣ୍ଡ ଆଳତି, ରାମଚରିତ ମାନସ କାର୍ଯ୍ୟକ୍ରମ ରହିଛି। ରବିବାରଠାରୁ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ କରାଯିବ। ଏହା ୨ତାରିଖ ପର୍ଯ୍ୟନ୍ତ ଚାଲିବ। ପଦ୍ମାଳୟା ପୂଜା କମିଟି ପକ୍ଷରୁ କୋର୍ଟ ଛକରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭିନ୍ନଢଙ୍ଗରେ ଶ୍ରୀମନ୍ଦିର ଆଗରେ ମହାପ୍ରଭୁ କଳକୀ ଅବତାର ଧାରଣ କରିଥିବା ବେଳେ ମା’ଧନଲକ୍ଷ୍ମୀ ପଦ୍ମ ପାଖୁଡାରେ ବିଜେ କରିଛନ୍ତି। କଳ୍ପତରୁ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ୬୦ ଫୁଟର ତୋରଣ ଏବଂ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ସୂଚନା ପ୍ରକାରେ, ଖୋର୍ଦ୍ଧା ସହରର ନୟାଗଡ ରୋଡ, ପୁରୁଣା ବସଷ୍ଟାଣ୍ଡ, ଗୁରୁଜଙ୍ଗ, ନୂଆ ମେଡିକାଲ ରୋଡ, ଶ୍ରୀରାମ ନଗର, ଭାଲିଆବାଡି, ନୂଆ ବସଷ୍ଟାଣ୍ଡ , କଣ୍ଟା ଛକ, ପଲ୍ଲା ହାଟ ଛକ, ନୂଆ ବସଷ୍ଟାଣ୍ଡ ରୋଡ, ମଧୁସୂଦନ ମାର୍ଗ, ଦିବ୍ୟଜ୍ୟୋତି, ନୂଆ ବସଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସଷ୍ଟାଣ୍ଡ ରୋଡ), ଫରେଷ୍ଟ ସ୍କୁଲ ସମ୍ମୁଖ, କୋର୍ଟ ସମ୍ମୁଖ , ଖ୍ରୀଷ୍ଟିଆନ ଚର୍ଚ୍ଚ ସମ୍ମୁଖ, ବାଳିକା ହାଇସ୍କୁଲ ସମ୍ମୁଖ ଗାନ୍ଧୀ ମାର୍କେଟ, ସମବାୟ ବ୍ୟାଙ୍କ ଛକ, ପୌର କାର୍ଯ୍ୟାଳୟ ରୋଡ, ଉପର ସାହି, କାମନା ବର ସାହି, ବୁଢ଼ୀ ବଗିଚା, ଠେଙ୍ଗାହାଟ, ଶାଗୁଆନ ବଗିଚା, ଗଡଖୋର୍ଦ୍ଧା, ମୁକୁନ୍ଦପ୍ରସାଦ, ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ମେଡିକାଲ ରୋଡ, ହାବେଳି ପଡିଆ ଆଦି ସ୍ଥାନରେ ପୂଜା ହେଉଛି।

## ୩୧ ମଣ୍ଡପରେ ମା’ ଗଜଲକ୍ଷ୍ମୀ
## ଦର୍ଶନ ନ ପାଇ ଭକ୍ତ ନିରାଶ

### ରାସ୍ତାରେ ପାର୍କିଂକୁ ନା’

ଖୋର୍ଦ୍ଧା ଟାଉନ ପୋଲିସ ପକ୍ଷରୁ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତା ଉପରେ ପାର୍କିଂ ଉପରେ କଟକଣା କରାଯାଇଛି। ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ପାର୍କିଂକୁ ହଟାଇବା ପାଇଁ ପୋଲିସ ଫ୍ଲାଗ ମାର୍ଚ୍ଚ କରିଥିଲା। ବେଆଇନ ପାର୍କିଂ ଉପରେ ଜରିମାନା ଆଦାୟ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଶାନ୍ତିଶୃଙ୍ଖଳା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜାମଣ୍ଡପରେ ପୋଲିସ ମୁତୟନ କରାଯାଇଛି। ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି।

### ଭାଇଚାରା ବାର୍ତ୍ତା ଦେଇଥାଏ

ସପ୍ତାହବ୍ୟାପୀ ଏଠାରେ ପୂଜାର ମାହୋଲ ଦେଖିବାକୁ ମିଳିଥାଏ। ସ୍ନେହ, ସଦ୍‌ଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ ଗଜଲକ୍ଷ୍ମୀ ପୂଜା। ଏହି ସମୟରେ ଚଳଚଞ୍ଚଳ ହୋଇ ଉଠିଥାଏ ଖୋର୍ଦ୍ଧା ସହର। ସହରରେ ଖେଳିଯାଇଥାଏ ଏକ ଆଧ୍ୟାତ୍ମିକ ବାତାବରଣ। ସନ୍ଧ୍ୟା ହେଲେ ବିଭିନ୍ନ ପୂଜା ମଣ୍ଡପରେ ଲୋକଙ୍କ ଭିଡ଼ ଜମିଥାଏ।

**କୁମାରୋତ୍ସବ ଏବଂ କଣେଇ ବାହାଘର**

ଚାରିଛକ, (ଶିଶିର ସ୍ୱାଇଁ): ଚାରିଛକ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ କୁମାରୋତ୍ସବ ଏବଂ କଣେଇ ବାହାଘର ଅନୁଷ୍ଠିତ ହୋଇଯାଇଛି। କୁମାର ପୂର୍ଣ୍ଣିମାର ପୂର୍ବ ରାତ୍ରିରୁ କୁମାରୀ ଝିଅମାନେ ବର ଓ କନ୍ୟା ବେଶରେ ସଜେଇ ହେବା ସହ ପାରମ୍ପରିକ ରୀତିନୀତିରେ ସେମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି କୁମାରୀମାନେ ପ୍ରାତଃସ୍ନାନପୂର୍ବକ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକିଥିଲେ। ଦିନ ସାରା ଉପବାସ ରହି ଓଷା ରଖିଥିବା କୁମାରୀମାନେ ଚଉରା ମୂଳରେ ଏକାଠି ହୋଇ ଚାନ୍ଦ ପୂଜା କରିଥିଲେ। କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ ଗୀତରେ କମ୍ପି ଉଠିଥିଲା ପ୍ରାୟ ପ୍ରତ୍ୟେକ ଗାଁ ଦାଣ୍ଡ ଓ ଚଉରାମୂଳ।




୨୮।୧୦।୨୦୨୩

| ୪,୭୫,୫୫୫ ଟଙ୍କା | |
|---|---|
| ସୁନା | ୧.୨୮୦ ଗ୍ରାମ୍ |
| ରୁପା | ୨୦ ଗ୍ରାମ୍ |

## ସଂକ୍ଷେପରେ

### ବାଣ ଜବତ, ଜଣେ ଗିରଫ

ବଳଙ୍ଗା, ୨୮।୧୦(କେଦାରେଶ୍ୱର ନନ୍ଦ):

ଶନିବାର ଭୋର୍ ସମୟରେ ବଳଙ୍ଗା ଥାନା ଅନ୍ତର୍ଗତ ଡେରିକ ଗ୍ରାମରେ ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଏଡେରିକ ଗ୍ରାମର ପ୍ରଶାନ୍ତ କୁଣ୍ଡ(୪୫) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଆଗକୁ ଦୀପାବଳି ଥିବାରୁ ପ୍ରଶାନ୍ତ ବେଆଇନ ଭାବେ ନିଜ ଘରେ ବାଣ ତିଆରି କରୁଥିବା ନେଇ ବଳଙ୍ଗା ପୋଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ବଳଙ୍ଗା ଥାନା ଏଏସ୍ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପ୍ରଶାନ୍ତଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପ୍ରଶାନ୍ତଙ୍କ ଘରେ ପ୍ରସ୍ତୁତ ହୋଇଥିବା ୧୦୦ରୁ ଊର୍ଦ୍ଧ୍ୱ ଗଡମ୍ବା ସହିତ ୧୦୦୦ରୁ ଊର୍ଦ୍ଧ୍ୱ ତାଳଫୋଟକା ଜବତ କରାଯାଇଥିଲା। ଜବତ ବାଣଗୁଡ଼ିକୁ ନଷ୍ଟ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଚାମ୍ପିୟନ

ପୁରୀ,୨୮।୧୦(ଅଜିତ୍ ମହାନ୍ତି):

ପୁରୀ ରେଲୱେ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ୧୬ତମ କିରୋଗୀ ଚାମ୍ପିୟନଶିପ ଓ ୮ତମ ଟାଏକୋଣ୍ଡୋ ପୁମ୍-ସେ ଚାମ୍ପିୟନଶିପ୍‌ରେ ଉଭୟ ଇଭେଣ୍ଟରେ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ଚାମ୍ପିୟନଶିପ୍‌ରେ ୩୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୭୦ରୁ ଅଧିକ ବାଳିକା ବାଳକ ଭାଗନେଇଥିଲେ। ମୋଟ ୨୪ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ କିରୋଗୀ ଇଭେଣ୍ଟରେ ହାସଲ କରିଥିବା ବେଳେ ପୁମ୍‌ସେ ଇଭେଣ୍ଟରେ ୧୮ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୫ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତା ଏକାଡେମୀର ମୁଖ୍ୟ କୋଚ୍ ବିଶ୍ୱନାଥ ନାୟକଙ୍କ ସମେତ ସହକାରୀ କୋଚ୍ ସଂଯୁକ୍ତା ବରାଳ, ଲିପିକା ପଲେଇ ଓ ସନ୍ ତ୍ରିପାଠୀଙ୍କ ପରିଚାଳନାରେ ମ୍ୟାଚ୍ ଖେଳାଯାଇଥିଲା।

# ସୁଦର୍ଶନଙ୍କ ଆଶ୍ରମ ବିଜେ ନୀତି

ପୁରୀ, ୨୮।୧୦(ଅଜିତ୍ ମହାନ୍ତି) :

ଶ୍ରୀମନ୍ଦିରରେ ଶନିବାର କୁମାର ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ତେବେ କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସହ ସହଳ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତି ୧୦ ଘଣ୍ଟା ୫୦ ମିନିଟ୍‌ରେ ରାତ୍ର ପହୁଡ଼ କରାଯାଇ ରାତ୍ର ୨ଘଣ୍ଟା ୧ ମିନିଟ୍‌ରେ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ଅବକାଶ ଓ ଦୈନନ୍ଦିନ ନୀତି ସମାପନ ପରେ ମହାପ୍ରଭୁ ରାଧାଦାମୋଦର ବେଶ ହୋଇଥିଲେ। ବେଶ ପରେ ଗୋପାଳ ବଲ୍ଲଭ ଓ ସକାଳଧୂପ ଅନୁଷ୍ଠିତ ହୋଇ ଯଥା ସମୟରେ ବାଲଧୂପ ଅନୁଷ୍ଠିତ ହୋଇଥିଲା। ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହରଧୂପ ଅନୁଷ୍ଠିତ ହୋଇଥିଲା। ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ସୁଦର୍ଶନଙ୍କୁ ପ୍ରଦାନ କରିଥିଲେ। ଦଇତାପତି ସେବକମାନେ ସୁଦର୍ଶନ ରତ୍ନ ସିଂହାସନରୁ ସୁଦର୍ଶନ ଜଗମହନକୁ ବିମାନ ବିଜେ କରିଥିଲେ। ସୁଦର୍ଶନଙ୍କ ବାଡ଼ର ମୁଖ୍ୟ ପତିମହାପାତ୍ର ଓ ଦଇତାପତିମାନେ ସୁଦର୍ଶନଙ୍କୁ ବିଜେ କରାଇବା ପରେ ବିମାନ ବଡୁମାନେ ପ୍ରଭୁଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପନ୍ତି ଘର ନିକଟକୁ ନେଇଥିଲେ। ସେଠାରେ ପନ୍ତି ସମାପ୍ତ ହେବା ପରେ କରତି ସାହି ଦେଇ ଶ୍ରୀସୁଦର୍ଶନ ଅଙ୍ଗୀରା ଆଶ୍ରମରେ ବିଜେ କରିଥିଲେ। ସେଠାରେ ପାରମ୍ପରିକ ନୀତି ସାରି ସୁଦର୍ଶନ ଉଆଁସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟସ୍ଥ ପଣ୍ଡୁ ଆଶ୍ରମରେ ବିଜେ କରିଥିଲେ। ସେଠାରେ ପନ୍ତି ସମାପ୍ତ ହେଲା ପରେ ହରଚଣ୍ଡୀ ସାହି ବାରବାଟୀ ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିଥିଲେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦାପନା କଲା ପରେ ବାହୁଡ଼ା ବିଜେ କରି ରତ୍ନ ସିଂହାସନରେ ବିଜେ କରିଥିଲେ। ଏହାପରେ ରତ୍ନ ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇଥିଲା। ଚନ୍ଦ୍ରଗ୍ରହଣ ଥିବାରୁ ନୀତି ସହଳ କରାଯାଇଥିଲା। ଦିନ ୧ଘଣ୍ଟା ୨୫ ମିନିଟ୍‌ରେ ଚକ୍ରରାଜ ସୁଦର୍ଶନ ଚାରି ଆଶ୍ରମ ଅଭିମୁଖେ ବିଜେ କରି ଅପରାହ୍ନ ୪ଘଣ୍ଟା ୪୫ ମିନିଟ୍‌ରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ଦଇତାପତି ସେବକମାନେ ସୁଦର୍ଶନ ଜଗମହନକୁ ବିମାନ ବିଜେ କରାଉଛନ୍ତି ।

# ଶାଢ଼ି ବନ୍ଧାଇଲେ ଯୁବ ସେବାୟତ

ପୁରୀ, ୨୮।୧୦(ଅଜିତ୍ ମହାନ୍ତି):

ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେଲେ ଯୁବ ସେବାୟତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ତଥା ଭଣ୍ଡାର ମେକାପ କୋଠରୀ ନାରାୟଣ ମେକାପଙ୍କ ସାନ ପୁଅ କୋଠରୀ ରାକେଶ ମେକାପଙ୍କ ବିଧିବଦ୍ଧ ଭାବେ ଶ୍ରୀମନ୍ଦିରରେ ଶାଢ଼ିବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଭଣ୍ଡାର ମେକାପ ସେବାୟତ ଭାବେ ନିୟୋଜିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରିଛନ୍ତି ଯୁବ ସେବାୟତ ରାକେଶ। ଏହି ଭଣ୍ଡାର ମେକାପ ସେବାୟତ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଦ୍ୱାରଫିଟା, ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପାଦନା କରିବା ସହ ରଥଯାତ୍ରା ସମୟରେ ଗଜପତି ମହାରାଜଙ୍କ ଛେରାପହଁରାରେ ମଧ୍ୟ ସେବା ଯୋଗାଇଥାନ୍ତି। ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଏବଂ ସମସ୍ତ ନିଯୋଗ ବରିଷ୍ଠ ସେବାୟତଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଶାଢ଼ୀବାନ୍ଧି ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଛନ୍ତି ଯୁବ ସେବାୟତ କୋଠରୀ ରାକେଶ ମେକାପ।

# ଜନକଲ୍ୟାଣ ମଞ୍ଚର ସାଙ୍ଗଠନିକ ବୈଠକ

ପିପିଲି,୨୮।୧୦
(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି-ଡେଲାଙ୍ଗ ଜନକଲ୍ୟାଣ ମଞ୍ଚ ପକ୍ଷରୁ ପିପିଲି ଏନ୍ଏସିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନକଲ୍ୟାଣ ମଞ୍ଚ ଆବାହକ ରାଧାମୋହନ ଓ ମୁଖ୍ୟ ଉପଦେଷ୍ଟା ଜନ୍ମେଜୟ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଆଗାମୀ ଦିନରେ ପିପିଲି ଏନ୍ଏସିରେ ସଂଗଠନକୁ ମଜଭୁତ କରିବାକୁ ପ୍ରତ୍ୟେକ ୱାର୍ଡ କମିଟି ଗଠନ କରିବା ସହିତ ଦେବାଶିଷ ଦୀକ୍ଷିତଙ୍କୁ ପିପିଲି ଏନ୍ଏସିର ସଭାପତି, ରାଧାରାଣୀ ସେଠୀଙ୍କୁ ମହିଳା ମୋର୍ଚ୍ଚା ସଭାନେତ୍ରୀ, କାଳନ୍ଦୀ ବେହେରାଙ୍କୁ ଦଳିତ ମୋର୍ଚ୍ଚା ସଭାପତି, ଶରତ ମହାନ୍ତିଙ୍କୁ କୃଷକ ମୋର୍ଚ୍ଚା, ସମସର ଖାଁଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ବିଧିବଦ୍ଧ ଭାବରେ ଦାୟିତ୍ୱ ଦିଆଯାଇଛି। ପିପିଲି ଏନ୍ଏସିରେ ବିଭିନ୍ନ ସମସ୍ୟା ଭିତରେ ଥିବା ଲୋକଙ୍କ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ଆବାହକ ରାଧାମୋହନ ଚେତାବନୀ ଦେଇଥିଲେ। ବୈଠକରେ ମଞ୍ଚ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମହାପାତ୍ର, ମହେଶ୍ୱର ଜେନା, ସଦାଶିବ ପରିଡ଼ା, ଲକ୍ଷ୍ମୀଧର ସାହୁ, ଶଙ୍କର ମଲିକ, ଭବାନୀ ଶଙ୍କର ସାହୁ, ସୁରେଶ ମହାରଣା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହେଇଥିଲେ।

# କଉଡ଼ି ଖେଳିଲେ ଲକ୍ଷ୍ମୀ ନାରାୟଣ



ପାରମ୍ପରିକ ରୀତିନୀତି ଅନୁସାରେ ମଦନମୋହନଙ୍କ ସହ ମହାଲକ୍ଷ୍ମୀଙ୍କ କଉଡି ଖେଳ ।

ସାକ୍ଷୀଗୋପାଳ,୨୮।୧୦
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

**ସାକ୍ଷୀଗୋପାଳ ମନ୍ଦିରରେ କୁମାର ଉତ୍ସବ ଓ ଗ୍ରହଣ ନୀତି**

ପ୍ରତିବର୍ଷ ପରି ଚଳିତବର୍ଷ କୁମାରପୂର୍ଣ୍ଣମୀରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନଙ୍କ ସହିତ ମହାଲକ୍ଷ୍ମୀଙ୍କ କଉଡ଼ି ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଗ୍ରହଣ ଯୋଗୁ ଅପରାହ୍ନରେ ଏହି ନୀତି ସମ୍ପନ୍ନ ହୋଇଛି। ବଡ଼ସିଂହାର ଧୂପ ପରେ ପାରମ୍ପରିକ ନୀତି ଅନୁଯାୟୀ ମଦନମୋହନ ମନ୍ଦିରରୁ ବିମାନରେ ବାହାରି ସିଂହଦ୍ୱାରସ୍ଥିତ କୁମାର ପୂର୍ଣ୍ଣମୀ ବେଦୀକୁ ବିଜେ କରିଥିଲେ। ଉପଚାର, ଆଳତୀ ଓ ବନ୍ଦାପନା ପରେ ଠାକୁରଙ୍କ ପ୍ରତିନିଧି ଭାବେ ପୂଜାପଣ୍ଡା ଓ ସିଂହାରୀସେବକ ଲକ୍ଷ୍ମୀ ନାରାୟଣଙ୍କ ହାତରେ କଉଡ଼ି ଛୁଆଁଇ ସାତମୁଠା ଲେଖାଏଁ ଦାନ ଖେଳିଥିଲେ। ପାଳିଆପତ୍ରୀ, ସିଂହାରୀ ଓ ଭଣ୍ଡାର ମେକାପ ଆଦି ସେବାୟତ ଠାକୁରଙ୍କ କଉଡ଼ି ଖେଳରେ ସାମିଲ ହୋଇଥିଲେ। ଏହି ଦେବନୀତି ସମାପନ ପରେ ବିଜେ ପ୍ରତିମା ମନ୍ଦିରକୁ ବାହୁଡ଼ି ଯାଇଥିଲେ। ସନ୍ଧ୍ୟାରେ ମନ୍ଦିର ଖୋଲା ରହିଥିଲେ ମଧ୍ୟ ଗର୍ଭଗୃହ ମଧ୍ୟକୁ କାହାରିକୁ ଛଡ଼ାଯାଇ ନ ଥିଲା। ନିର୍ଦ୍ଧାରିତ ସମୟରେ ଦେବନୀତି ସମ୍ପାଦନ ପାଇଁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଓ ସେବାୟତ ସଂଘ କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଆଜି ସାକ୍ଷୀଗୋପାଳରେ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର

ସାକ୍ଷୀଗୋପାଳ, ୨୮।୧୦ (ଭରତ ରାଉତ):

ରବିବାର ସକାଳ ୧୦ ଘଣ୍ଟା ସମୟରେ ପେଣ୍ଠପଡ଼ା ପଞ୍ଚାୟତରେ ଆୟୋଜନ ହେବାକୁ ଯାଉଛି ନିଶୁଳ୍କ ଦନ୍ତ ଚିକିତ୍ସା ଏବଂ ସଚେତନତା ଶିବିର। ସାକ୍ଷୀଗୋପାଳ କଲେଜ ନିକଟସ୍ଥ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପେଣ୍ଠପଡ଼ା ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଭୁବନେଶ୍ୱର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସ (କିଡ୍ସ)ର ବରିଷ୍ଠ ଦନ୍ତ ଚିକିତ୍ସକମାନେ ଯୋଗଦାନ କରି ସମସ୍ତ ପ୍ରକାର ଦନ୍ତ ଚିକିତ୍ସା କରିବେ। ଦାନ୍ତରୋଗଜନିତ ସମସ୍ୟା ଭୋଗୁଥିବା ବନ୍ଧୁମାନେ ଏହି ଶିବିରରେ ଯୋଗଦାନ କରି ଏହି ନିଃଶୁଳ୍କ ସେବାର ସୁଯୋଗ ନେବାକୁ ପେଣ୍ଠପଡ଼ା ସରପଞ୍ଚ ନିବେଦନ କରିଛନ୍ତି।

## ଡେଲାଙ୍ଗରେ କୁମାର ପୂର୍ଣ୍ଣିମୀ

ଡେଲାଙ୍ଗ,୨୮।୧୦(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକର ପୁରପଲ୍ଲୀରେ କୁମାର ପୂର୍ଣ୍ଣମୀ ମହାଆଡମ୍ବରରେ ପାଳିତ ହୋଇଥିବା ବେଳେ ଚନ୍ଦ୍ରଗ୍ରହଣ ନିମନ୍ତେ ଅପରାହ୍ନ ୩ଟାରେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ ହୋଇଥିଲା । ଯୁବତୀମାନେ ପ୍ରଭାତରୁ ସ୍ନାନାଦି ନିତ୍ୟକର୍ମ ସାରି ବୃନ୍ଦାବତୀ ମୂଳରେ ଭୋଗଲାଗି କରି ଆଞ୍ଜୁଳି ଟେକି ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ ଚନ୍ଦ୍ରଗ୍ରହଣ ଯୋଗୁ ସନ୍ଧ୍ୟା ପରିବର୍ତ୍ତେ ଅପରାହ୍ନ ୩ଟାରେ ପୂଜାର୍ଚ୍ଚନା ସାରି ଚାନ୍ଦଖାଇ ଉପବାସ ଭଙ୍ଗ କରିଥିଲେ।

# ଅସ୍ତରଙ୍ଗ ବେଳାଭୂମି ମହୋତ୍ସବର ପ୍ରଥମ ବୈଠକ



ବୈଠକରେ ଯୋଗ ଦେଇଥିବା କମିଟିର ସଦସ୍ୟ ।

ଅସ୍ତରଙ୍ଗ, ୨୮।୧୦ (ମମତା ଜେନା):

ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଅସ୍ତରଙ୍ଗର ପୀର ଜାହାନିଆ ବେଳାଭୂମିରେ ଦୁଇଦିନ ଧରି ହେବାକୁ ଥିବା ଅସ୍ତରଙ୍ଗ ବେଳାଭୂମି ମହୋତ୍ସବର ପ୍ରଥମ ବୈଠକ ଶନିବାର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ନଭେମ୍ବର ୨୮ ଓ ୨୯ରେ ବାଲିଯାତ୍ରା ପଡୁଥିବାରୁ ଏହି ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଆସର, କୁଇଜ, ବାଲୁକାକଳା, ଖାଦ୍ୟ ଷ୍ଟଲ, ଲୋକକଳା ଆଦି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବକୁ ଆଉ ୧ ମାସ ଥିବାରୁ କମିଟିର ସଭ୍ୟମାନେ ମହୋତ୍ସବକୁ କିପରି ଶୃଙ୍ଖଳିତ ଭାବେ ପରିଚାଳନା କରିବେ ସେ ନେଇ ଏକ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା ରହିଥିବା ବେଳେ ପରାମର୍ଶଦାତା ଭାବେ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଓ ପ୍ରସନ୍ନ ବିଶ୍ୱାଳ ରହିଛନ୍ତି। ଉପସଭାପତି ଭାବେ ପ୍ରମୋଦ କୁମାର ନାୟକ, ସମ୍ପାଦକ ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସହ ସମ୍ପାଦକ ଭାବେ ଉଲ୍ଲାସ କୁମାର ନାୟକ ଓ ପ୍ରତାପ କୁମାର ନାୟକ ରହିଥିବା ବେଳେ କୋଷାଧ୍ୟକ୍ଷ ଋତୁରାଜ ରାଉତ ଓ ସଂଯୋଜକ ଭାବେ ଶୋଭକାର ବେହେରା ରହିଛନ୍ତି। ଆଗାମୀ ଦିନରେ ଆଉ କେତେକ କମିଟି ଗଠନ କରାଯିବ ବୋଲି ସମ୍ପାଦକ ନାୟକ ଘୋଷଣା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କ୍ଷୀରୋଦ କାଣ୍ଡୀ, ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି, ଜନପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ଓୟୁଏଟି କୁଳପତିଙ୍କ ଧାଡ଼ିବୁଣା ଧାନକ୍ଷେତ ପରିଦର୍ଶନ



ଧାଡିବୁଣା ଧାନ କ୍ଷେତକୁ ପରିଦର୍ଶନ କରୁଛନ୍ତି ଓୟୁଏଟି କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟମାନେ ।

ଡେଲାଙ୍ଗ, ୨୮।୧୦(ରଶ୍ମିରଞ୍ଜନ ପ୍ରଧାନ):

**ଠିକ୍ ବିହନ, ଚାଉଳ ଉତ୍ପାଦନ ପାଇଁ ପ୍ରଣାଳୀ ଧାନଚାଷ ଉପରେ ଗୁରୁତ୍ୱ**

ଡିଏସ୍ଆର ଓଡ଼ିଶା ଓ ସିସା ପ୍ରୋଜେକ୍ଟ ମାଧ୍ୟମରେ ଡେଲାଙ୍ଗ ବ୍ଲକରେ କରାଯାଇଥିବା ଧାଡ଼ିବୁଣା ଧାନ କ୍ଷେତକୁ ଶନିବାର ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପରିଦର୍ଶନ କରିଛନ୍ତି। ସେ ଧାନ କ୍ଷେତ ବୁଲିବା ସହ ଚାଷୀମାନଙ୍କ ସହିତ ଶସ୍ୟ ଉତ୍ପାଦନର ବିଭିନ୍ନ ପ୍ରଣାଳୀ, ରୋଗପୋକ ସମସ୍ୟା ଓ ଧାଡ଼ିବୁଣା ଧାନଚାଷର ଉପକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି। ଧାନଚାଷ ସହିତ କୁକୁଡ଼ା ଚାଷ, ପଶୁପାଳନ ଓ ପନିପରିବା ଚାଷ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଓୟୁଏଟି ଗବେଷକ ପ୍ରଫେସର ସଂଗ୍ରାମ ସ୍ୱାଇଁ, ଡ. ହୃଷୀକେଶ ପାତ୍ର, ସିସାର କୃଷି ବିଶେଷଜ୍ଞ ଡ. ଅଶୋକ କୁମାର, କେଭିକେ ପୁରୀର ସୂର୍ଯ୍ୟନାରାୟଣ ମିଶ୍ର, ଇରି ବୈଜ୍ଞାନିକ ଡ. ବିଧାନ ମହାପାତ୍ର, ଦିଲୀପ ବରାଳ, ଡେଲାଙ୍ଗ ବ୍ଲକ କୃଷି ଅଧିକାରିଣୀ ମାନସୀ ମଧୁଭାଷିନୀ ପଶାୟତ, ସହକାରୀ କୃଷିଅଧିକାରୀ ସନାତନ ସାହୁ, ଭିଏଡବ୍ଲୁ ଅଶୋକ କୁମାର ଭାକ୍ରା, ଗ୍ରାମ୍ୟ କୃଷି କର୍ମଚାରୀ ବନ୍ଦିତା ଦାଶ, ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲ। ଆନ୍ତର୍ଜାତିକ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍ଆର୍ଆଇ), ଦକ୍ଷିଣ ଏସିଆ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଧାଡିବୁଣା ଧାନଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରିବା ହେଉଛି କ୍ଷେତ୍ର ପରିଦର୍ଶନର ମୁଖ୍ୟ ଲକ୍ଷ୍ୟ। କମ୍ ଖର୍ଚ୍ଚ, ଶ୍ରମିକ ହ୍ରାସ, କମ୍ ଜଳ, ଯାନ୍ତ୍ରିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କଲେ ଅଧିକ ଲାଭବାନ ହୋଇପାରିବ ବୋଲି ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ୪୪ତମ କୁମାର ଉତ୍ସବ

ପୁରୀ, ୨୮।୧୦(ଅଜିତ୍ ମହାନ୍ତି) :

କୁମାର ପୂର୍ଣ୍ଣମୀର ଶାରଦୀୟ ସନ୍ଧ୍ୟାରେ ପୁରୀର ଶ୍ରୀକ୍ଷେତ୍ର ୟୁଥ୍ କଲ୍‌ଚରାଲ ଆସୋସିଏଶନର ୪୪ତମ କୁମାର ଉତ୍ସବ ସ୍ୱର୍ଣ୍ଣାଭ ବେଳାଭୂମିରେ ଶନିବାର ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ପୁରୀ ଏମ୍‌ପି ପିନାକୀ ମିଶ୍ର, ଅନୁଷ୍ଠାନର ସଭାପତି ମହେଶ୍ୱର ମହାନ୍ତି, ହାଇଟେକ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତିରୁପତି ପାଣିଗ୍ରାହୀ, ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଭକ୍ତଚରଣ ଦାସ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଷ୍ଟାଲିନ ପରିଜା ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଦାଶିବ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ମହେଶ୍ୱର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସଂପାଦକ ସଦାଶିବ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତି ନୃତ୍ୟ ସଂଗୀତ ପରିଷଦର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଓଡ଼ିଶା ସିନେ ଜଗତର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ ଏବଂ ସୋନମ୍ ଦାଶଙ୍କ ଦ୍ୱାରା ଓଲିଉଡ୍ ନାଇଟ୍ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଙ୍କି ଝା ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ପଣ୍ଡା, ବସୁଦେବ ଦାସ, ହରେକୃଷ୍ଣ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ଜଗମୋହନ ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ଗୋପୀନାଥ ସ୍ୱାଇଁ, ଅମୀୟ ପ୍ରସାଦ ନାଗ, ଦୀପକ କୁମାର ସାହୁ, କୃପାସିନ୍ଧୁ ମହାପାତ୍ର, ପ୍ରକାଶ ରାଉତ, ସୁବ୍ରତ ସାହୁ, ଅଶୋକ ପାତ୍ର, ଆଲୋକ କୁମାର ମହାପାତ୍ର, ବିଜୟ କୁମାର ଆପଟ, ରାଜେନ୍ଦ୍ର ନାରାୟଣ ହରିଚନ୍ଦନଙ୍କ ସହ ଅନୁଷ୍ଠାନର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣାଭ ବେଳାଭୂମିରେ ଅନୁଷ୍ଠିତ କୁମାର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଘରୁ ଟଙ୍କା, ସୁନା ଚୋରି ଅଭିଯୋଗ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅନ୍ତର୍ଗତ କରମୁଆ ଗ୍ରାମର ସୁଲଭ ଚରଣ ସେଠୀଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୨୬ତାରିଖ ରାତିରେ କେହି ନ ଥିବାର ସୁଯୋଗନେଇ କେହି ଦୁର୍ବୃତ୍ତ ଘରର ଗ୍ରୀଲ୍ ଓ କବାଟ ଭାଙ୍ଗି ଘରେ ଥିବା ଏକ ପାଣି ପମ୍ପ ଓ ଗଡରେଜ୍ ଭାଙ୍ଗି ଏକ ହଳ ସୁନା ଚେନ୍, ୬ ସୁନା ମୁଦି, ୨ହଳ କାନଫୁଲ ଏବଂ ନଗଦ ୪୦ ହଜାର ଟଙ୍କା ସମେତ ବାସନ କୁସନ ଚୋରି କରି ନେଇଛନ୍ତି। ଏନେଇ ସୁଲଭ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନମ୍ବର ୩୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏଯାଏ ଦୁର୍ବୃତ୍ତଙ୍କୁ କାବୁ କରି ପାରିନାହିଁ।



# ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

■ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ

■ୱାକାଥନ, ସଚେତନତା ରଥ ଶୁଭାରମ୍ଭ

କଟକ,୨୮।୧୦ (କାର୍ତ୍ତିକ ସାହୁ)

ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ ତଥା ଯାଞ୍ଚ କରାଇନେବା ଲକ୍ଷ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ। ଯେଉଁମାନଙ୍କର ନାମ ଭୋଟର ତାଲିକାରେ ନାହିଁ ସେମାନଙ୍କ ନାମ ପଞ୍ଜୀକରଣ କରାଇବା, ମୃତ ଭୋଟରଙ୍କ ନାମ ବାଦ୍ ଦେବା ଓ ଠିକଣା ପରିବର୍ତ୍ତନ କରାଇ ଠିକ୍ ବୁଥରେ ନିଜର ନାମ ପଞ୍ଜୀକରଣ କରାଇନେବା ଆଦି କାର୍ଯ୍ୟ ଏଥିରେ କରାଯାଉଛି। ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ୍ୟ ନାଗରିକ ଅଂଶଗ୍ରହଣ କରିବା ଆବଶ୍ୟକ। ଏଥିପାଇଁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଜିଲାପାଳ ନରହରି ସେଠୀ ଗୁରୁତ୍ୱ ଦେଇଛନ୍ତି। କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଶନିବାର ଆୟୋଜିତ ସାଧାରଣ ସଭାରେ ଜିଲାପାଳ ସେଠୀ ଅଧ୍ୟକ୍ଷତା କରି ଭୋଟରମାନେ ସାମ୍ବିଧାନିକ ମତସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ।

ଅତିରିକ୍ତ ଜିଲାପାଳ ଶିବ ଟପୋ କହିଥିଲେ, ପ୍ରତିଟି ଭୋଟ ମୂଲ୍ୟବାନ। ତେଣୁ ସମସ୍ତ ଯୋଗ୍ୟ ଭୋଟର ନିଜର ନାମ ପଞ୍ଜୀକରଣ କରି ଭୋଟ ଗ୍ରହଣ ପ୍ରକ୍ରିୟାରେ ସାମିଲ ହେବା ଉଚିତ। ୨୦୨୪ ନିର୍ବାଚନ ପୂର୍ବରୁ ଏହା ହେଉଛି ଶେଷ ସଂଶୋଧନ ପ୍ରକ୍ରିୟା। ୨୦୨୪ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କର ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଇପାରିବ। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ କରାଯାଇପାରିବ। ରାଜ୍ୟ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ କହିଥିଲେ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅକ୍ଟୋବର ୨୭ରୁ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହ ନଭେମ୍ବର ୫, ୧୧, ୧୯ ଓ ୨୫ ତାରିଖରେ ସ୍ୱତନ୍ତ୍ର ପ୍ରଚାର ଅଭିଯାନ କରାଯିବ, ଯେଉଁଥିରେ ବୁଥସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରଙ୍କୁ ସହାୟତା ପ୍ରଦାନ କରିବେ। ଏହି ଅବସରରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। କଟକ ସଦର ଉପ ଜିଲାପାଳ କମଲଜିତ୍ ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ, ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ କରାଇନେବା ସହ ନାଗରିକମାନେ ଭୋଟଦାନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ଼ କରାଇବାରେ ସହାୟକ ହୋଇପାରିବେ। କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଅନୀତା ପାତ୍ର ଧନ୍ୟବାଦ ଦେଇଥିଲେ।

ଏହି ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସଙ୍କ ସମେତ ବିଭିନ୍ନ ବ୍ଲକର ତହସିଲଦାର, ବିଡିଓ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ଝୋଟି ଓ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ରଥ ଏବଂ ୱାକାଥନ କାର୍ଯ୍ୟକ୍ରମକୁ ଜିଲାପାଳ ଶୁଭାରମ୍ଭ କରିଥିଲେ। ଏହା ବିଜୁ ପଟ୍ଟନାୟକ ଛକ ଦେଇ କନିକା ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା।



ଜିଲାପାଳ ନରହରି ସେଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ୧୧୪ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

**ରୋଜଗାର ମେଳା**

କଟକ,୨୮।୧୦ (କାର୍ତ୍ତିକ ସାହୁ)

କଟକସ୍ଥିତ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଶନିବାର ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ ୧୧୪ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଖୋର୍ଦ୍ଧାରୋଡ୍ ରେଲୱେ ଡିଭିଜନାଲ ମ୍ୟାନେଜର ଏଚ୍. ଏସ୍. ବାଜୱା ଉପସ୍ଥିତ ଥିଲେ। ନୂତନ ଭାବେ ନିଯୁକ୍ତ କର୍ମଚାରୀମାନେ କର୍ମଯୋଗୀ ପ୍ରାରମ୍ଭ ମାଧ୍ୟମରେ ତାଲିମ ଗ୍ରହଣ କରିବାର ସୁଯୋଗ ପାଇବେ, ଯାହା ବିଭିନ୍ନ ସରକାରୀ ବିଭାଗର ସମସ୍ତ ନୂତନ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଏକ ଅନଲାଇନ ଓରିଏଣ୍ଟେସନ ପାଠ୍ୟକ୍ରମ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୩୯ଟି ସ୍ଥାନରେ ଆୟୋଜିତ ହୋଇଥିବା ରୋଜଗାର ମେଳା କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରାୟ ୫୧,୦୦୦ଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

## ପୌରପାଳିକା ମରାମତି କଲାନି, ଲାଇଟ୍ ଲଗାଇଲେ ବିଧାୟକଙ୍କ ପ୍ରତିନିଧି

ଚୌଦ୍ୱାର/ମଙ୍ଗୁଳି-ଜଗତ୍‌ପୁର,୨୮।୧୦ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ୨ ଦିନ ପରେ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ସହ ରାସ୍ତା ଓ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ହେଲେ ଲାଇଟ୍ ମରାମତି କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଶନିବାର ବିଧାୟକଙ୍କ ପ୍ରତିନିଧି ତଥା ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡାଙ୍କ ନିଜସ୍ୱ ଖର୍ଚ୍ଚରେ ୧୦ଟି ଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ଲଗାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଷ୍ଟ୍ରିଟ୍ ଲାଇଟ୍ ଅଚଳ ଯୋଗୁ ଉକ୍ତ ଅଞ୍ଚଳ ଅନ୍ଧାର ରହୁଛି। ଫଳରେ ଚୋରି ଓ ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା ପ୍ରକାଶ ପାଇଛି। ରୂପଯାତ୍ରାରେ ସାମିଲ ହେବାକୁ ଥିବା ପ୍ରାୟ ୪୩ଟି ମେଢ ଏହି ବ୍ୟାରେଜ୍ ରାସ୍ତା ଦେଇ ଭସାଣି ଅଭିମୁଖେ ବିରୂପା ନଦୀକୂଳ ଅସ୍ଥାୟୀ ପୋଖରୀକୁ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ରୂପଯାତ୍ରାକୁ ଉପଭୋଗ କରିବା ପାଇଁ ବହୁସଂଖ୍ୟକ ଲୋକ ଏହି ରାସ୍ତା ଦେଇ ଯାତାୟତ କରିବେ। ତେଣୁ ରୂପଯାତ୍ରା ପୂର୍ବରୁ ରାସ୍ତା ମରାମତି ସହିତ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଯାତ୍ରା କମିଟି ପକ୍ଷରୁ ପୌରପାଳିକାକୁ ନିବେଦନ କରାଯାଇଥିଲା। ରାସ୍ତା ମରାମତି କିଛି ମାତ୍ରାରେ କରାଯାଇଛି। ଏବେ ବି କିଛି ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ଅବସ୍ଥାରେ ରହିଛି। ତୁରନ୍ତ ସେଗୁଡିକ ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପରିଡା କହିଛନ୍ତି, ନଦୀକୂଳ ଅନ୍ଧାର ରହିଲେ ଚୋରି ଓ ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଲାଇଟ୍ ଲଗାଇବା ପାଇଁ ପଦକ୍ଷେପ ନେଇଛି। ୪ନଂ. ୱାର୍ଡ କାଉନସିଲର ଅର୍ଜୁନ ସାହୁ, ସୁଧାଂଶୁ ଶେଖର ପରିଜା, ବଳରାମ ବେହେରା, କୁଳଦୀପ ବେହେରା, ସୌମ୍ୟରଞ୍ଜନ ପରିଡା, ସୂଚନା ଅଧିକାର କର୍ମୀ ମନୋଜ ସାହୁ ପ୍ରମୁଖ ଲାଇଟ ଲାଗିବା କାର୍ଯ୍ୟରେ ସହଯୋଗ କରିଥିଲେ। ଏ ସମ୍ପର୍କରେ ପୌରକର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

**ସଂକ୍ଷେପରେ**

## ୧୨ରେ କାଳୀପୂଜା, ୧୫ରେ ଭସାଣି

**ମହାନଗର ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟିର ନିଷ୍ପତ୍ତି**

କଟକ,୨୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ନଭେମ୍ବର ୧୨ରେ କାଳୀପୂଜା ଅନୁଷ୍ଠିତ ହେବ। ସେହିପରି ୧୩ ଓ ୧୪ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କଟକ ମହାନଗର ଶାନ୍ତି କମିଟି ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୁର୍ଗାପୂଜା ଓ ଭସାଣି ଉତ୍ସବ ଭଳି କାଳୀପୂଜାରେ ମଧ୍ୟ ପଲିଥିନ ମୁକ୍ତ ପୂଜା, ଡିଜେ ମୁକ୍ତ ରୋସଣି ଓ ନିଶା ମୁକ୍ତ ଭସାଣି ପାଇଁ ଆହ୍ୱାନ ଦିଆଯାଇଛି। କଟକ ସହରର ଐତିହ୍ୟ ଓ ପରମ୍ପରାକୁ ସହରବାସୀ ଅକ୍ଷୁଣ୍ଣ ରଖିବାକୁ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରେସ୍‌ରିଲିଜ ମାଧ୍ୟମରେ ନିବେଦନ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୨୮।୧୦(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତାର କମରପଦା ବଜାରରେ ଶନିବାର କଟକ ସଦର ବ୍ଲକ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବନେତା ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ଜେନା, ଗୋକୁଳ ପ୍ରଧାନ, ନିରଞ୍ଜନ ରାଉଳ, ଲକ୍ଷ୍ମୀଧର ଜେନା, ଦେବୀ ପ୍ରସାଦ ପତି, ଅଶୋକ ସାହୁ, ରାଧାକାନ୍ତ ମଲ୍ଲିକ, ଅଭିମନ୍ୟୁ ସାହୁ, ଚିତ୍ତରଞ୍ଜନ ସାହୁ, ରଞ୍ଜନ ନନ୍ଦ ଓ ସରୋଜ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଏଠାରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ।


ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ କଟକ ଖାନ୍‌ନଗରସ୍ଥିତ ଉଦ୍ୟାନ ପରିସରରେ ଥିବା ଗଣକବିଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳିତ

କଟକ,୨୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଖାନ୍‌ନଗରସ୍ଥିତ ଗଣକବି ବୈଷ୍ଣବ ପାଣି ପାର୍କରେ ଶନିବାର ଗଣକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପାର୍କରେ ଥିବା ଗଣକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ପ୍ରଫେସର ଡ ବିଜୟାନନ୍ଦ ସିଂ, ବିଶିଷ୍ଟ ଅତିଥି ଡା ରବିରଞ୍ଜନ ସାହୁ, ସାହିତ୍ୟିକ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର୍ ସେକ୍ କଲିମୁଲ୍ଲା, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ଗଣକବି ସାଂସ୍କୃତିକ ସାଂସଦର ସଂଯୋଜକ ପନ୍ନଗଭୂଷଣ ଦାସ, ଗଣକବି ଅଭ୍ୟର୍ଥନା କମିଟିର ସମ୍ପାଦକ ସୁକାନ୍ତ ଚନ୍ଦ୍ର ଷଡ଼ଙ୍ଗୀ, ନାଟ୍ୟକାର ଅଭୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ପ୍ରଶାସନ, ଜିଲା ସଂସ୍କୃତି ବିଭାଗ ଓ କଟକ ମହାନଗର ନିଗମର ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ଗଣକବିଙ୍କ ଜୟନ୍ତୀ ଅବସରରେ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଖାନ୍‌ନଗରସ୍ଥିତ ସମିତି ସଭାଗୃହରେ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଭୟ କୁମାର ଦାସ ଓ ସାଥୀମାନେ ଗଣକବିଙ୍କ ଲିଖିତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଡ. ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ବାବାଜୀ ଚରଣ ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବେ ତରୁଣ କୁମାର ସାହୁ ଯୋଗଦେଇଥିଲେ। ପାଲାଗାୟକ ଭାବେ ଗଣକବି ପେସାଦାର ଜୀବନ ଆରମ୍ଭ କରି ପରବର୍ତ୍ତୀ କାଳରେ ଅର୍ଥନୈତିକ, ସାମାଜିକ, ରାଜନୈତିକ ପ୍ରସଙ୍ଗକୁ ନିଜର ରଚନାରେ ପ୍ରାଧାନ୍ୟ ଦେଇଥିଲେ। ଏହି ସଭାରେ ଡ. ହେମନ୍ତ ପରିଡ଼ା, ବିଚିତ୍ରାନନ୍ଦ ମିଶ୍ର, ତ୍ରିଲୋଚନ ମହାକୁଡ଼, ଡା ନିମାଇଁ ପରିଜା, ମୀରା ବେଉରା, ଅରୁଣ ଅଗ୍ରୱାଲ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କୁମାରୋତ୍ସବ ପାଳିତ

କଟକ,୨୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସାମାଜିକ ଅନୁଷ୍ଠାନ ସୁନାଦୁବ ପକ୍ଷରୁ କୁମାରୋତ୍ସବ ବିଡ଼ାନାସୀସ୍ଥିତ ମମତା ସୁଧାର ଗୃହଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଡ. ସତ୍ୟ ରାୟ, ମୁଖ୍ୟ ଅତିଥି ଚଇତାଳି ସ୍ୱାଇଁ, ସମ୍ମାନିତ ଅତିଥି ବିଜୟ ପୃଷ୍ଟି, ଇନ୍ଦୁମତି ରାଉତ, ମୁଖ୍ୟବକ୍ତା ଭାବେ ସଂଘମିତ୍ରା ପ୍ରହରାଜ ଯୋଗଦେଇଥିଲେ। ଶୁଭ୍ରାଂଶୁ ମିଶ୍ରଙ୍କ ସଂଯୋଜନାରେ ମମତା ସୁଧାର ଗୃହର ଅନ୍ତେବାସୀଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ମଞ୍ଜୁଲତା ଜେନା ସ୍ୱାଗତ ଭାଷଣ ଓ ବବିତା ଦାସମହାପାତ୍ର ଧନ୍ୟବାଦ ଦେଇଥିଲେ। ରଙ୍ଗୋଲୀ ପ୍ରତିଯୋଗୀତାରେ କୃତୀତ୍ୱ ହାସଲ କରିଥିବା ମନୋରମା ମାଝୀ, ଲୁସିନା ବେହେରା, ଲିପ୍ସିତା ଖଟେଇଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅଭିପ୍‌ସା ପକ୍ଷରୁ ଝାଞ୍ଜିରୀମଙ୍ଗଳାଠାରେ କୁମାର ମହୋତ୍ସବ ପାଳିତ ହୋଇଯାଇଛି। ଯୁବତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। ଅଭିପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଯୋଗଦେଇ ପ୍ରତିଯୋଗିତା ଉତ୍ତୀର୍ଣ୍ଣ ହୋଇଥିବା ଶିବାନୀ ଶୁଭାଙ୍ଗିନୀ ମିଶ୍ର, ଦେବସ୍ମିତା ବେହେରା, ପ୍ରୀତିପ୍ରଜ୍ଞା ମୁଦୁଲି, ନିବେଦିତା ଜେନା, ଶ୍ରାବଣୀ ସାହୁ, ସୋନାକ୍ଷୀ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ।

## ଟୁଇନ୍ ସିଟି ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ




ଫୁଲନଖରା,୨୮।୧୦(ସତ୍ୟ ରଞ୍ଜନ ଦାସମହାପାତ୍ର)

ଟୁଇନ୍ ସିଟି ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ ପାହାଳସ୍ଥିତ ପାଲ ହାଇଟ୍ ମନ୍ତ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ପ୍ରଯୋଜକ ଭାବେ ଗ୍ରେଟ୍ ହ୍ୱାଇଟ୍ ଓ ସହ ପ୍ରଯୋଜକ ପ୍ରଭାତ କେବୁଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ହାଭେଲସ୍, କଲର୍ସ, ବିହାନ, ପିଏମ୍ କୋନା, କିରଣ କ୍ୟାପ୍, ଭି-ଗାର୍ଡ ଏବଂ ସିୟା କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଉତ୍ସବରେ ସଙ୍ଗଠନର ପୂର୍ବତନ ସଭାପତି ଅନିଲ ଗୋଏଙ୍କା ୨୦୨୩-୨୪ ବର୍ଷର କାର୍ଯ୍ୟକ୍ରମ ପାଇଁ ବର୍ତ୍ତମାନର ସଭାପତି ଧୀରଜ ପାଟୋଡିଆଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଚିବ ଜିଗର ଦୋସି, ଉପ ସଭାପତି ଅମିତ ଅଗ୍ରୱାଲ, ରାହୁଲ ଦୁଧୋରିଆ, କୋଷାଧ୍ୟକ୍ଷ ପବନ ପାରିକ, ସହ କୋଷାଧ୍ୟକ୍ଷ ମନୋଜ ଜେନା, ବିକ୍ରାନ୍ତ ଗୋଏଙ୍କା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୈଳେଶ କୁମାର ବର୍ମା ଏବଂ ଡାଏରୀ ଚେୟାରମ୍ୟାନ୍ ଅଶୋକ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ**

## ଅମୃତ ବାଟିକା ପାଇଁ ଦିଲ୍ଲୀ ଗଲା ପବିତ୍ର ମାଟି

ମଙ୍ଗୁଳି-ଜଗତପୁର,୨୮।୧୦(ମାନସ ସାମଲ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ରାଜ୍ୟରୁ ସଂଗୃହୀତ ପବିତ୍ର ମାଟିକୁ ଅମୃତ ବାଟିକା ସ୍ଥାପନ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଶନିବାର ଦିଲ୍ଲୀ ପଠାଯାଇଛି। ଏହି ପରିପେକ୍ଷୀରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅଧୀନ ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳ ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ସଂଗୃହିତ ହୋଇଥିବା ପବିତ୍ର ମାଟି ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାଇଥିବା ଅମୃତ କଳସ ଶୋଭାଯାତ୍ରାରେ ସାମିଲ ହୋଇଛି। ଝାଞ୍ଜ, କୀର୍ତ୍ତନ ଓ ଜୟ ଶ୍ରୀରାମ ନାରାରେ କମ୍ପିଥିଲା ଭୁବନେଶ୍ୱର ରେଳ ଷ୍ଟେଶନ। ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇ ଦେଶର ଏକତା ଓ ଅଖଣ୍ଡତା ପାଇଁ ଶହୀଦ୍ ହୋଇଥିବା ଯବାନଙ୍କ ସ୍ମୃତି ଚିହ୍ନ ନିମନ୍ତେ କଳସ ଯାତ୍ରାରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ନିଜକୁ ସାମିଲ କରି ଗର୍ବ ଅନୁଭବ କରୁଛି ବୋଲି କହିଥିଲେ। ଶୋଭାଯାତ୍ରାରେ ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଅଭିନେତା ଶ୍ରୀତମ ଦାସ, ଜିଲା କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ କୁମାର ନାୟକ, ଲୋକନାଥ ରାଉତ, ବିଜୟ ବଳ, କେଦାର ସୁବୁଦ୍ଧିରାୟ, ଧ୍ରୁବ ଚରଣ ପ୍ରଧାନ, ବସନ୍ତ ବରାଳ, ସୂର୍ଯ୍ୟକାନ୍ତ ରାଉତ, ଦିବାକର ପାତ୍ର, ମୌସୁମୀ ନାୟକ, ସୁମିତ୍ରା ମହାନ୍ତି, ସୌମେନ୍ଦ୍ର ଲେଙ୍କା, ଗଣେଶ ବେହେରାଙ୍କ ସହିତ ଶତାଧିକ କର୍ମୀ ସାମିଲ ହୋଇଥିଲେ।


ଭୁବନେଶ୍ୱର ରେଳ ଷ୍ଟେଶନରେ ଭାଜପା ନେତା ଓ ଅନ୍ୟମାନେ।


କଟକ ସାଆନ୍ତସାହି କୁମାର ଉତ୍ସବ ସମିତି ପକ୍ଷରୁ ଶନିବାର ଅନୁଷ୍ଠିତ କୁମାରୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

## ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ବାଲିଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ**

କଟକ,୨୮।୧୦ (କାର୍ତ୍ତିକ ସାହୁ)

ଚଳିତବର୍ଷ କଟକ ବାଲିଯାତ୍ରାକୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଜିଲାପାଳ ନରହରି ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବାଲିଯାତ୍ରା ସହ ଜଡ଼ିତ ପ୍ରମୁଖ ଅଧିକାରୀମାନଙ୍କୁ ନେଇ ବାଲିଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରାରେ ଷ୍ଟଲ ନିର୍ମାଣ ନିମନ୍ତେ ବ୍ୟବସାୟିକ ପ୍ରତିଷ୍ଠାନ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଜାଗା ଆବଣ୍ଟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଉଭୟ ଉପର ଓ ତଳ ବାଲିଯାତ୍ରା ପଡ଼ିଆକୁ ସମତୁଳ କରିବା, ରାସ୍ତାଘାଟ ମରାମତି, ମଞ୍ଚ ପ୍ରସ୍ତୁତି, ପାଇପ ଲାଇନ୍ ମରାମତି, ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଆଦି କାର୍ଯ୍ୟ ସୁଚାରୁରୂପେ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ପୂର୍ତ୍ତ ବିଭାଗ, ଟିପିସିଓଡିଏଲ ଏବଂ ୱାଟ୍‌କୋ ଭଳି ସଂସ୍ଥାଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କୁହାଯାଇଛି। ବାଲିଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ସଦର ଉପ ଜିଲାପାଳ କମଲଜିତ ଦାସ, ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ, କଟକ ସଦର ତହସିଲଦାର ସୁଜୟ କୁମାର ପତି, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଆସନ୍ତା ୩୧ ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ପୁନର୍ବାର ବାଲିଯାତ୍ରା ପ୍ରସ୍ତୁତି ସମ୍ବନ୍ଧିତ ଆଉ ଏକ ବୈଠକ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

